ଧରିତ୍ରୀ
DHARITRI
ଶନିବାର, ୧୯ ଅକ୍ଟୋବର, ୨୦୧୯



## ସଂକ୍ଷେପରେ

### କୁକୁର କାମୁଡ଼ା ଇଞ୍ଜେକ୍ସନ ମିଳୁନି

**ବାଲିଆପାଳ, ୧୮।୧୦(ଡି.ଏନ.ଏ.):** ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନ ହେବ କୁକୁର କାମୁଡ଼ା ଇଞ୍ଜେକ୍ସନ ମିଳୁନାହିଁ। ଫଳରେ ଲୋକେ ହଇରାଣ ହେଉଛନ୍ତି। ୨୮ଟି ପଞ୍ଚାୟତର ଦେଢ଼ଲକ୍ଷରୁ ଅଧିକ ଲୋକ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରନ୍ତି। ଏବେ ଗ୍ରାମାଞ୍ଚଳରେ ପାଗଳା କୁକୁର ଆକ୍ରମଣରେ ଛୋଟ ପିଲାଠୁ ବୟସ୍କ ଲୋକ ପର୍ଯ୍ୟନ୍ତ ଶିକାର ହେଉଛନ୍ତି। ପୂର୍ବରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡ଼ା ଇଞ୍ଜେକ୍ସନ ସବୁ ବେଳେ ମିଳୁଥିଲା। ଲୋକଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁ ନ ଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଇଞ୍ଜେକ୍ସନ ନ ଥିବାରୁ ଲୋକମାନେ ଅଧିକ ଖର୍ଚ୍ଚାନ୍ତ ହୋଇ ବାଲେଶ୍ୱର ସଦର ହସ୍ପିଟାଲକୁ ଯାଉଛନ୍ତି। ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଏଥିପାଇଁ ନୟାନ୍ତ ହେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଖଇରା,୧୮।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅମରିଆ ପଞ୍ଚାୟତ ଅଧୀନ ରଇଁତିରା ଗ୍ରାମର ଶଙ୍କର ଦାସଙ୍କ ସ୍ତ୍ରୀ ମମତାଙ୍କ ଶୁକ୍ରବାର ସକାଳେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଭଉଣୀକୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ମମତାଙ୍କ ଭାଇ ଶରତ କୁମାର ଦାସ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ମମତା ୪ ବର୍ଷ ତଳେ ରଇଁତିରା ଗ୍ରାମର ଶଙ୍କର ଦାସଙ୍କୁ ବିବାହ କରିଥିଲେ। ଅନେକ ସମୟରେ ପତ୍ନୀପତିଙ୍କ ମଧ୍ୟରେ ଝଗଡା ଲାଗୁଥିଲା। କିଛି ଦିନ ତଳେ ମମତାଙ୍କ ମାଡ ମରାଯିବାରୁ ତାଙ୍କ ଗୋଡ ଭାଙ୍ଗି ଯାଇଥିଲା। ଶରତ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାକେନ୍ଦ୍ରରେ ତାଙ୍କୁ ଭଲ କରି ନିଜ ପାଖରେ ରଖିଥିଲେ। ୨୦ଦିନ ତଳେ ସ୍ୱାମୀ ଶଙ୍କର ଭୁବନେଶ୍ୱର ଯାଇ ମମତାଙ୍କ ଭଲ କରିବାର ପ୍ରତିଶ୍ରୁତି ଦେଇ ଘରକୁ ନେଇଆସିଥିଲେ। ଶୁକ୍ରବାର ସକାଳେ ଭଉଣୀଙ୍କ ଶବ ଖଇରା ମେଡିକାଲରେ ପଡିଥିବା ମେଡିକାଲ କର୍ତ୍ତୃପକ୍ଷ ଫୋନ ଯୋଗେ ଜଣାଇଥିଲେ। ସ୍ୱାମୀ ଶଙ୍କର ଫେରାର ଥିବା ବେଳେ ନଳକୂପ ନିକଟରେ ଖସିପଡି ମମତା ପ୍ରାଣ ହରାଇଥିବା ଶ୍ୱଶୁର ଘର ଲୋକେ କହିଛନ୍ତି। ଭାଇର ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଥିବା ଖଇରା ଥାନା ଏସ୍ଆଇ ଅଶ୍ୱିନୀ ବେହେରା ସୂଚନା ଦେଇଛନ୍ତି।

### ପୋଲିସର ଚଢ଼ାଉ; ୩ ଗିରଫ

**ସଜନାଗଡ଼, ୧୮।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୨ଦିନରେ ୩ଜଣଙ୍କୁ ଗିରଫ କରାଯାଇଛି। ନୀଳଗିରି ଥାନାରେ ଆଇଆଇସି ନଳିତା ମୋଦୀଙ୍କ ନିର୍ଦ୍ଦେଶରେ ଥାନାର ସବଇନ୍ସପେକ୍ଟର ବାସୁଦେବ ଜୟ ସିଂ ଗତ ବୁଧବାର ସନ୍ଧ୍ୟାରେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଅନୁରୂପ ଭାବେ ଗୁରୁବାର ମଦ୍ୟପାନ କରିଥିବା ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ବାବୁଲି ସିଂ(୨୫), କାହାଲିଆ ଗ୍ରାମର କଟିଆ ଓରଫ ସୁରେନ୍ଦ୍ର। ସେହିପରି ମିତ୍ରପୁର, ଚଣ୍ଡିପୁର ଗ୍ରାମର ବୁଶୁ ସିଂଙ୍କୁ ଗିରଫ କରାଯାଇଛି।

## ଆବାସ ଯୋଜନାରୁ ବାଦ୍ ପଡ଼ିବା ଘଟଣା

# ପୁନଃ ସର୍ଭେ ପାଇଁ ନିର୍ଦ୍ଦେଶ ଦେଲେ ବିଡିଓ

**ଖଇରା, ୧୮।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଆବାସ ଯୋଜନାରୁ ବଞ୍ଚିତ ୨୨୮ ପରିବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ୨ଦିନ

**ଧାରଣାରୁ ହଟିଲେ ପଞ୍ଚାୟତବାସୀ**

ଧରି ଧାରଣାରେ ବସି ରହିଥିଲେ। ଶୁକ୍ରବାର ଅପରାହ୍ନରେ ବିଡିଓ ମହେଶ ଚୌଧୁରୀ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ପଞ୍ଚାୟତ ଅଧିକାରୀ ମାୟାଧର ମଲ୍ଲିକ, ନିର୍ବାହୀ ଅଧିକାରୀ ଅଶୋକ ପାତ୍ର ଘଟଣାସ୍ଥଳରେ ଆନ୍ଦୋଳନକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ଦାବି ମଧ୍ୟରେ ଜଣେ ଦକ୍ଷ କର୍ମଚାରୀଙ୍କ ଦ୍ୱାରା ଆବାସ ଯୋଜନାରୁ ବାଦ୍ ପଡିଥିବା ପରିବାରଗୁଡ଼ିକୁ ପୁନଃ ସର୍ଭେ କରି ପଞ୍ଜୀକୃତ କରିବା ଏବଂ ନିର୍ବାହୀ ଅଧିକାରୀଙ୍କୁ ବଦଳି କରିବା ଅନ୍ତର୍ଭୁକ୍ତ ରହିଥିଲା। ଯାହାକୁ ଯଥା ସମ୍ଭବ ପୂରଣ ପାଇଁ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ନିକଟରେ ଆବାସ ଯୋଜନା ସର୍ଭେରେ ୫୩୦ ନାମ ତାଲିକାଭୁକ୍ତ ହୋଇଥିଲା। ଏଥିରୁ ମାତ୍ର ୩୦୨ଟି ପରିବାରର ନାମ ପଞ୍ଜୀକରଣ ହେବା ବିଷୟ ଜଣାପଡିବା ପରେ ଏଥିପାଇଁ ପଞ୍ଚାୟତବାସୀ ନିର୍ବାହୀ ଅଧିକାରୀଙ୍କୁ ଦାୟୀ କରିଥିଲେ। ବାରମ୍ବାର ଦୌଡି ଅଧିକାରୀଙ୍କ ଦେଖା ନ ପାଇବା ତଥା ତାଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ପାଇବା ପରେ ପଞ୍ଚାୟତବାସୀ ବାଧ୍ୟ ହୋଇ ଧାରଣାରେ ବସିଥିଲେ।


ପଞ୍ଚାୟତବାସୀଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।



ଗୋପାଳପୁରଠାରେ ଅନୁଷ୍ଠିତ ତାଲିମ ଶିବିରରେ ଉପସ୍ଥିତ କୃଷି ଅଧିକାରୀ।

# କୃଷକ ତାଲିମ ଶିବିର

**ବାହାନଗା,୧୮।୧୦(ଡି.ଏନ.ଏ.)**

ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ପରିସରରେ ପଞ୍ଚାୟତ ସ୍ତରୀୟ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀଟନାଶକ ନିରାପଦ ବ୍ୟବହାର ଉପରେ ଚାଷୀମାନଙ୍କୁ ତାଲିମ ଦିଆଯାଇଛି। ଶହେରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ। ଚାଷୀମାନେ ବ୍ଲକ ସହକାରୀ କୃଷି ଅଧିକାରୀ ରଙ୍ଗନାଥ ପାତ୍ରଙ୍କୁ ଚାଷ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପ୍ରଶିକ୍ଷଣ ଶିବିରରେ ସହକାରୀ କୃଷି ଅଧିକାରୀ ପାତ୍ରଙ୍କ ସମେତ ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, ବେଣୁଧର ଜେନା, ଅନ୍ତର୍ଯ୍ୟାମୀ ପଣ୍ଡା, ଶଙ୍କର୍ଷଣ ଶିଅଳ, ଗ୍ରାମ୍ୟ କୃଷି କର୍ମଚାରୀ ନମିତା ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଗ୍ରାମ୍ୟ କୃଷୀକ ସାଥି ଗୋପୀନାଥ ପାତ୍ର ପରିଚାଳନା କରିଥିଲେ। ସେହିପରି ତାଳକୁରୁଣିଆ ପଞ୍ଚାୟତରେ ମଧ୍ୟ କୃଷକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରେ ବ୍ଲକ ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀଧର ସାହୁ ଯୋଗଦେଇ ଚାଷୀମାନଙ୍କୁ ଚାଷ ସମ୍ପର୍କୀତ ଏକ ପୁସ୍ତକ ପ୍ରଦାନ କରିଥିଲେ। ସେହିପରି ବିଷ୍ଣୁପୁର ପଞ୍ଚାୟତରେ ମଧ୍ୟ ଶୁକ୍ରବାର କୃଷକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋର ବ୍ଲକ ସହକାରୀ କୃଷି ଅଧିକାରୀ ସରୋଜ କୁମାର ଜେନା ଚାଷୀମାନଙ୍କୁ ଉତ୍ତମ ଚାଷ ବିଷୟରେ ତାଲିମ ଦେଇଥିଲେ।

# ପ୍ରତିଭା ବିକାଶର ମାର୍ଗ ଦେଖାଇଛି 'ସୁରଭି'


ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରୁଛନ୍ତି।

**ରୂପ୍ସା, ୧୮।୧୦(ଡି.ଏନ.ଏ.)**

କୁନିପିଲାଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ଜରୁରୀ। ସେମାନଙ୍କୁ ରାଷ୍ଟ୍ର ଗଠନ ପାଇଁ ନିର୍ମାଣ କରିବା ଆବଶ୍ୟକ। ସୁରଭି ହିଁ ବାସ୍ତବରେ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶର ମାର୍ଗ ଦେଖାଇଛି ବୋଲି ଶିଶୁ ମହୋତ୍ସବ ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ ବଳରାମ ନାୟକ, ମୁଖ୍ୟବକ୍ତା ଭାବେ ସିଆର୍ସିସି ଉମାକାନ୍ତ ବେହେରା ଯୋଗଦେଇ ବକ୍ତବ୍ୟରେ କହିଛନ୍ତି।

ବାଲେଶ୍ୱର ଜିଲା ରୂପ୍ସା ଓ ମୟୂରଭଞ୍ଜ ସୀମାନ୍ତବର୍ତ୍ତୀ ମନ୍ତ୍ରୀଡାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖୁଣ୍ଟାପୁର ଆଞ୍ଚଳିକ ସାଧନକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଶିଶୁ ମହୋତ୍ସବ ସୁରଭି-୨୦୧୯ ଶେଷ ହୋଇଯାଇଛି। ଶିକ୍ଷକ ନେତା ଭବେଶ କୁମାର ସାହୁ ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସରପଞ୍ଚ ସହଦେବ ସିଂ, ଚେୟାରମ୍ୟାନ ମମତା ପାତ୍ର, ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଦେ, ଶିକ୍ଷକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସାଧନକେନ୍ଦ୍ର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ପ୍ରବନ୍ଧଲିଖନ, ତର୍କ ଆଦି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ସଙ୍ଗୀତ ଅଧ୍ୟାପକ ଅର୍ଜୁନ କୁମାର ଦଳାଙ୍କ ତତ୍ତ୍ୱାବଧାନରେ ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମର ଛାତ୍ରୀଛାତ୍ର ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଶେଷରେ ଭାଇସ୍ ଚେୟାରମ୍ୟାନ୍ ଧନଞ୍ଜୟ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

### ୪୮ କୃତୀ ପ୍ରତିଯୋଗୀ ସମ୍ମାନିତ

**ସିମୁଳିଆ,୧୮।୧୦(ଡି.ଏନ.ଏ.):** ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ଆଞ୍ଚଳିକ ସାଧନ କେନ୍ଦ୍ର ମୁରୁଣାର କ୍ଲଷ୍ଟରସ୍ତରୀୟ 'ଶିଶୁ ମହୋତ୍ସବ ସୁରଭି' ଶୁକ୍ରବାର ଗୋବିନ୍ଦପୁର ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ୧୨ଟି ବିଦ୍ୟାଳୟରୁ ୧୦୫ଜଣ ପ୍ରତିଯୋଗୀ ନୃତ୍ୟ, ସଙ୍ଗୀତ, କୁଇଜ, ବକ୍ତୃତା, ଚିତ୍ରାଙ୍କନ ଆଦି ବିଭିନ୍ନ ୧୭ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଭାଗରେ ମୋଟ ୪୮ଜଣ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ମୟାଧର ସାହୁ ଏହି ମହୋତ୍ସବର ଉଦ୍ଘାଟନ କରିଥିଲେ। ଅତିଥି ରୂପେ ସରପଞ୍ଚ ଭାଗବତ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୁକ୍ତିକାନ୍ତ ଓଝା, ବିଧାୟକ ପ୍ରତିନିଧି ଅଜୟ କୁମାର ପତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବିଶ୍ୱନାଥ ମୁର୍ମୁଙ୍କ ତତ୍ତ୍ୱାବଧାନରେ ସିଆର୍ସିସି ପରୀକ୍ଷିତ ପାଢ଼ୀ ଉତ୍ସବ ସଞ୍ଚାଳନ କରିଥିଲେ। ଉଦ୍ଯାପନୀ ଉତ୍ସବର ଅତିଥି ରୂପେ ଅନୁଶିକ୍ଷା ଅଧିକାରୀ ଲମ୍ବୋଦର ସିଂ ଥିଲେ।

## ଅବସରପ୍ରାପ୍ତ ପାରାମେଡିକାଲ କର୍ମୀଙ୍କ ନିଯୁକ୍ତିକୁ ବିରୋଧ

# ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ଧାରଣା

**ବାଲେଶ୍ୱର ଅଫିସ, ୧୮।୧୦**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବସରପ୍ରାପ୍ତ ପାରାମେଡିକାଲ କର୍ମୀଙ୍କ ପୁନଃ ନିଯୁକ୍ତିକୁ ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ବିରୋଧ କରିଛି। ଶୁକ୍ରବାର ସଂଘ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟଙ୍କ ଅଫିସ୍‌କୁ ଘେରାଉ କରାଯାଇ ଧାରଣା ଦିଆଯାଇଥିଲା। ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଫିସ ଭିତରକୁ କୌଣସି କର୍ମଚାରୀ କିମ୍ବା ଜନସାଧାରଣ ପ୍ରବେଶ କରିପାରି ନ ଥିଲେ। ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ରଦ୍ଦ କରାଯିବା ପରେ ସଂଘ ପକ୍ଷରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଜିଲାରେ ହଜାର ହଜାର ଶିକ୍ଷିତ ଏଏନ୍ଏମ୍ ଛାତ୍ରୀଛାତ୍ରମାନେ ବେକାର ହୋଇ ରହିଛନ୍ତି। ଏନ୍ଆର୍ଏଚ୍ଏମ୍ (ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ) ବିଭାଗ ନିର୍ଦ୍ଦେଶ ଅନୁଯାୟୀ ଜିଲା ଅଧିକାରୀ ପାରାମେଡିକାଲ ପଦବୀ ପାଇଁ ଅବସର ଗ୍ରହଣ କରିଥିବା ୬୦ରୁ ୭୦ବର୍ଷ ବୟସ ଆବେଦନକାରୀଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ଗତ ୧୪ତାରିଖରେ ବିଜ୍ଞାପନ ପ୍ରକାଶ କରିଥିଲେ। ଶୁକ୍ରବାର ପୁନଃ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଥିବା ଜାଣି ପାରି ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ଏହାର ପ୍ରତିବାଦ କରି ଧାରଣା ଦେଇଥିଲା। ୨୦୦୬ରୁ ୨୦୧୮ ପର୍ଯ୍ୟନ୍ତ ଜିଲାର ହଜାର ହଜାର ଏଏନ୍ଏମ୍ ଛାତ୍ରୀଛାତ୍ର ନିଯୁକ୍ତି ପାଇବା ଅପେକ୍ଷାରେ ଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଏପରି ନିଯୁକ୍ତି ନୀତିକୁ ବିରୋଧ କରାଯାଇଥିଲା। ସଂଘର ରାଜ୍ୟ ସଭାପତି ପାର୍ଥସାରଥି ଜେନାଙ୍କ ନେତୃତ୍ୱରେ ଜୟନ୍ତୀ ପାଣିଗ୍ରାହୀ, ମାନସୀ ସିଂହଳ, ଶିଖା ଚନ୍ଦ୍ରିକା, ମଧୁସ୍ମିତା ବିଶ୍ୱାଳ, ଶୁଭସ୍ମିତା ମହାନ୍ତି, ଜୟନ୍ତୀ ରାଉତ, ସ୍ୱାଗତିକା ମଲ୍ଲିକ, ବୃନ୍ଦାବତୀ ବେହେରା, ସୁଚିସ୍ମିତା ଦାସ, କୃଷ୍ଣପ୍ରିୟା ସିଂ ଓ ଅନୁପମା ଦାସ ପ୍ରମୁଖ ସାମିଲ ଥିଲେ। ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଛୋଟରାୟ ସାକ୍ଷାତ୍କାର ରଦ୍ଦ କରିବା ପରେ ଏଏନ୍ଏମ୍ ଛାତ୍ରୀମାନେ ଧାରଣାରୁ ହଟିଥିଲେ।


ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

## ଆରମ୍ଭ ହେଲା ବିଶ୍ୱଶାନ୍ତି ମହାଯଜ୍ଞ

# ୧୦୦୮ ମହିଳାଙ୍କ କଳସ ଶୋଭାଯାତ୍ରା

**ଭୋଗରାଇ,୧୮।୧୦(ଡି.ଏନ.ଏ.)**

ଭୋଗରାଇ ବ୍ଲକ ଥାନାଛକ ହେଲିପ୍ୟାଡ୍ ପଡ଼ିଆରେ ଶୁକ୍ରବାର ସକାଳୁ ଆରମ୍ଭ ହୋଇଛି ବିଶ୍ୱଶାନ୍ତି ମହାଯଜ୍ଞ। ହେଲିପ୍ୟାଡ଼ ପଡ଼ିଆରୁ ବହୁ ପଣ୍ଡିତ, ସଂକୀର୍ତ୍ତନ ଦଳ, ପୂଜାରୀ ଓ ଶ୍ରଦ୍ଧାଳୁମାନେ ବାଟଗ୍ରାମ ଚିତ୍ରରେଖା ଖାଲକୁ ଯାଇ ସେଠାରେ ପୂଜାର୍ଚ୍ଚନା କରିବା ସହିତ ଘଟ ଉତ୍ତୋଳନ କରିଥିଲେ। ସହସ୍ରାଧିକ ମହିଳା କଳସ ଶୋଭଯାତ୍ରା କରିବା ସହିତ ସଂକୀର୍ତ୍ତନ ଦଳର ଖୋଳବାଦ୍ୟ ଓ ଶଙ୍ଖ ହୁଳୁହୁଳି ଶବ୍ଦରେ ପରିବେଶ ଉଚ୍ଛୁଳି ପଡ଼ିଥିଲା। ଅଧିବାସ ମଞ୍ଚରେ ମଧ୍ୟ ଅନୁରୂପ ଭାବେ ପୂଜାର୍ଚ୍ଚନା କରାଯାଇ ପ୍ରଥମ ଦିନର ଅଧିବାସ କାର୍ଯ୍ୟ କରାଯାଇଥିଲା। ଅପରାହ୍ନରେ ମଣ୍ଡପାଧିବାସ, ବେଦପାଠ, ସନ୍ଧ୍ୟାରେ ପଣ୍ଡିତଙ୍କ ଦ୍ୱାରା ଦିବ୍ୟବଚନ ଓ ରାତିରେ ଭଜନ ସମାରୋହ ଆୟୋଜନ ହୋଇଥିଲା। ଶନିବାର ବେଦପାଠ, ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେବ।


ଯଜ୍ଞକୁଣ୍ଡ ନିକଟରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି।

### ୩ ବଖରା ପୋଡ଼ିଗଲା

**ଖଇରା,୧୮।୧୦(ଡି.ଏନ.ଏ.)**

ଖଇରା ଥାନା ଗୋବିନ୍ଦପୁର ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ଗ୍ରାମର ହରେକୃଷ୍ଣ ଜେନାଙ୍କ ଘରେ ବିଦ୍ୟୁତ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ୩ ବଖରା ପୋଡିଯାଇଛି। ଏଥିରେ ଜେନାଙ୍କର ନଗଦ ୨୫ହଜାର ଟଙ୍କା ଆସବାବପତ୍ର ଧାନଚାଉଳ ପୋଡି ଛାରଖାର ହୋଇଯାଇଛି। ଔପଦା ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବେଳାଭୂମିରୁ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତଦେହ ଉଦ୍ଧାର

**ଭୋଗରାଇ, ୧୮।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ତାଳସାରୀ ସମୁଦ୍ରକୂଳରେ ଗତ ବୁଧବାର ମଧ୍ୟାହ୍ନରେ ସାଙ୍ଗମାନଙ୍କ ସହିତ ଗାଧୋଇବାକୁ ଯାଇ ନିଖୋଜ ଥିବା ବଙ୍ଗୀୟ ପର୍ଯ୍ୟଟକ ହିମାଙ୍କର ବେରା (୨୭)ଙ୍କ ମୃତଦେହ ଶୁକ୍ରବାର ତାଳସାରୀ ବେଳାଭୂମି କୃଷ୍ଣନଗର ଏକ ଖାଲରୁ ପୋଲିସ ଉଦ୍ଧାର କରିଛି। ତାଳସାରୀ ମେରାଇନ୍ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪/୧୯) ରୁଜୁ କରାଯାଇ ଶବକୁ ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

ପଶ୍ଚିମବଙ୍ଗ ହୁଗୁଳି ଜିଲା ଚାନ୍ଦତାଲା ଥାନା ଅଧୀନ ଡାନ୍‌କୁନି ସ୍ଥାନର ୫ଜଣ ଯୁବକ ତାଳସାରୀ ବେଳାଭୂମି ସୁବର୍ଣ୍ଣ ଦୀପରେ ପିକନିକ୍ କରିବାକୁ ଆସିଥିଲେ। ରୋଷେଇ ସରିବା ପରେ ୫ ସାଙ୍ଗ ମିଶି ସମୁଦ୍ରରେ ଗାଧୋଇବାକୁ ଯାଇଥିଲେ। ଏଠାରେ ସମୁଦ୍ର ଗଭୀର ଓ ପ୍ରଖର ସ୍ରୋତ ଥିବାରୁ ୫ ସାଙ୍ଗ ମଧ୍ୟରୁ ହିମାଙ୍କର ସମୁଦ୍ର ଗର୍ଭକୁ ଭାସିଯାଇ ନିଖୋଜ ଥିଲେ। ସ୍ଥାନୀୟ ମତ୍ସ୍ୟଜୀବୀ ମୃତଦେହକୁ ଦେଖି ତାଳସାରୀ ମେରାଇନ୍ ଥାନାକୁ ଖବର ଦେବା ପରେ ପୋଲିସ ଶବ ଉଦ୍ଧାର କରିଥିଲା। ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଗୋପବନ୍ଧୁ ଜ୍ୟୋତିକୁ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ,୧୮।୧୦**

ବାଲେଶ୍ୱରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜ୍ୟୋତି ଶୁକ୍ରବାର ପହଞ୍ଚିବା ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବାହ୍ନରେ ଏହି ଜ୍ୟୋତି ସହର ପରିକ୍ରମା କରିଥିଲା।

ସମାଜ ଖବରକାଗଜର ଉତ୍ତରଓଡ଼ିଶା ସଂସ୍କରଣ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ, ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ସାମିଲ୍ ହୋଇଥିଲେ। ସହରରେ ଥିବା ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ଗାନ୍ଧୀ ସ୍ମୃତିଭବନ ପରିସରରୁ ଜ୍ୟୋତିଯାତ୍ରା ଆରମ୍ଭ ହୋଇଥିଲା। ଶୋଭାଯାତ୍ରାକୁ ପୂର୍ବତନ ଏମ୍ପି ଇଂ. ରବୀନ୍ଦ୍ର କୁମାର ଜେନା, ଅତିରିକ୍ତ ଜିଲାପାଳ ସମ୍ମିତ ନାୟକ, କଂଗ୍ରେସ ନେତା ସୁଦର୍ଶନ ଦାସ, ଭାଜପା ନେତା ଶୁଭଙ୍କର ମହାପାତ୍ର, ଲକ୍ଷ୍ମୀଧର ଦାସ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ, ଗିରିଶ ଚନ୍ଦ୍ର ଦାଶ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ଆୟୋଜିତ ସଭାରେ ଉପଜିଲାପାଳ ନିଲୁ ମହାପାତ୍ର ମୁଖ୍ୟଅତିଥି ଏବଂ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବ୍ୟୁରୋ ଇନଚାର୍ଜ କୁଳମଣି ବାରିକ ଅତିଥି ପରିଚୟ ଦେଇଥିଲା ବେଳେ ଜ୍ୟୋତିଯାତ୍ରା ଅଭ୍ୟର୍ଥନା କମିଟି ସଭାପତି ଲକ୍ଷ୍ମୀଧର ବେହେରା, ଶାଖା ପରିଚାଳକ ମଧୁସୂଦନ ଦାସ, ସମ୍ମାନିତ ଅତିଥି ଭାବେ କମିଟିର ସଦସ୍ୟ କବି ପ୍ରଶାନ୍ତ ଦାସ ଜ୍ୟୋତିଯାତ୍ରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲାସ୍ତରୀୟ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାର ଆଦର୍ଶ କୃଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ଗୋପବନ୍ଧୁ ଜ୍ୟୋତିକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତିକୁ ବିରୋଧ

# ୨୧ରେ ବାମପନ୍ଥୀ ଦଳର ଆନ୍ଦୋଳନ

**ବାଲେଶ୍ୱର ଅଫିସ,୧୮।୧୦**

ଦେଶର ଅର୍ଥନୈତିକ ମାନ୍ଦାବସ୍ଥା, ବେକାରି, ଚାଷୀମାରଣ ନୀତି, ଜାତୀୟ ନାଗରିକ ପଞ୍ଜୀକରଣ ଓ ଅଗଣତାନ୍ତ୍ରିକ ଭାବେ ୩୭୦ ଧାରା ଉଚ୍ଛେଦ ଏବଂ ସମ୍ବିଧାନର ସୁରକ୍ଷା ଦାବିରେ ଦେଶବ୍ୟାପୀ ବାମପନ୍ଥୀମାନଙ୍କ ଆନ୍ଦୋଳନରେ ସିପିଆଇ ଟାଉନ୍ କମିଟି ଯୋଗଦେବାକୁ ନିଷ୍ପତ୍ତି ନେଇଛି। ବାଲେଶ୍ୱରସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନ ସଭାଗୃହରେ ଗୁରୁବାର ଟାଉନ୍ ଅଞ୍ଚଳ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ୨୧ ତାରିଖରେ ସହରରେ ପ୍ରସ୍ତାବିତ ବାମଦଳମାନଙ୍କର ଶୋଭାଯାତ୍ରା ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭରେ ଦଳର ସମସ୍ତ ସଭ୍ୟ ଓ ସମର୍ଥକ ଯୋଗଦେବାକୁ ଆହ୍ୱାନ ଦିଆଯାଇଛି।

କେନ୍ଦ୍ର ସରକାରଙ୍କର ଭୁଲ୍ ଅର୍ଥନୀତି ଯୋଗୁ ଆଜି ଦେଶରେ ଦରଦାମ୍ ବୃଦ୍ଧି, ବେକାରି, ଶ୍ରମିକ ଛଟେଇ ଓ କୃଷକମାନଙ୍କ ସମସ୍ୟା ବୃଦ୍ଧିପାଇଛି ବୋଲି ସିପିଆଇର ଜିଲା ସହସମ୍ପାଦକ ଭାଗବତ ପ୍ରତିହାରୀ ମତ ଦେଇଥିଲେ। ଦଳର ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ସଦର ଜୋନ ସମ୍ପାଦକ ଯତୀନ୍ ପାତ୍ର, ଆଇନଜୀବୀ ନିରଞ୍ଜନ ପରିଡ଼ା, ନାରୀନେତ୍ରୀ ବନ୍ଦନା ବିଶ୍ୱାସ, ବେଣୁଧର ବାରିକ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଟାଉନ କମିଟି ସମ୍ପାଦକ ଜୟନ୍ତ ମହାନ୍ତି ବୈଠକରେ ଦଳର କାର୍ଯ୍ୟସୂଚୀ ଓ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପିତ କରିଥିଲେ। ଯୁବ ଚିତ୍ରଶିଳ୍ପୀ ଦେବେନ୍ଦ୍ର ଖଟୁଆଙ୍କ ଅକାଳ ବିୟୋଗରେ ଶୋକପ୍ରକାଶ କରାଯାଇଥିଲା। ବାଲେଶ୍ୱରକୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜ୍ୟୋତିଯାତ୍ରାକୁ ଦଳ ତରଫରୁ ସ୍ୱାଗତ କରାଯାଇଛି। ଶଶିକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।



ବୈଠକରେ ଟାଉନ୍ କମିଟିର କର୍ମକର୍ତ୍ତା।

## ସଂକ୍ଷେପରେ

### ଚୋରା କୋଇଲା ବୋଝେଇ ଗାଡ଼ି ଜବତ



**ପଦ୍ମପୁର, ୧୮।୧୦(ଡି.ଏନ.ଏ.):** ଭଦ୍ରକ ସଦର ବ୍ଲକ ଅଧୀନ ସାବରଙ୍ଗ ଫାଣ୍ଡି ଓ ଗ୍ରାମାଞ୍ଚଳ ଥାନା ପୋଲିସ ଶୁକ୍ରବାର ମିଳିତ ଚଢ଼ାଉ କରି ଏକ ଚୋରା କୋଇଲା ବୋଝେଇ ଗାଡ଼ିକୁ ଜବତ କରିଛନ୍ତି। ଗାଡ଼ିରେ ୫୦ ବସ୍ତାରୁ ଊର୍ଦ୍ଧ୍ୱ କୋଇଲା ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଚୋରା କୋଇଲା ବୋଝେଇ ଏକ ଟାଟାମ୍ୟାଜିକ ତିହିଡ଼ି ଆଡ଼କୁ ଯାଉଥିବା ବେଳେ ସେରପୁର କୁଣ୍ଡି ଛକ ନିକଟରେ ପୋଲିସ ହାତରେ ଧରାପଡ଼ିଥିଲା। ପୋଲିସକୁ ଦେଖି ଚାଳକ ଗାଡ଼ି ଛାଡ଼ି ନିକଟସ୍ଥ ଧାନ ବିଲ ଦେଇ ଦୌଡ଼ି ପଳାଇଯାଇଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ପୀରବାବାଙ୍କ ଉର୍ସ ଉତ୍ସବ

**ଧାମନଗର, ୧୮।୧୦ (ଡି.ଏନ.ଏ.):** ଧାମନଗରସ୍ଥିତ ଖାନ୍‌କା ସରିଫ ପୀରବାବା ହଜୁର ମୁଜାହିଦେ ଏ ମିଲ୍ଲତଙ୍କ ପିତା ହଜରତ ଅବଦୁଲ ମନାନ ଏବଂ କାଜି ତୟେବ ପୀରବାବାଙ୍କ ଉର୍ସ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୮ଟା ୩୦ରେ କୋରାନ ପାଠ, ମଧ୍ୟାହ୍ନରେ ଗୋସଲ ସରିଫ(ସ୍ନାନ), ଅପରାହ୍ନ ୩ଟାରେ ଚାଦର ଶୋଭାଯାତ୍ରା ବାହାରି ସାହି ବସ୍ତି ପରିକ୍ରମା କରିଥିଲା। ରାତି ୮ ଟାଠାରୁ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମୌଲାନାମାନେ ସାରା ରାତି ଧର୍ମବାଣୀ ପ୍ରଚାର କରିଥିଲେ। ଏହାପରେ କବିମାନଙ୍କ ଦ୍ୱାରା କବିତାପାଠ ହୋଇଥିଲା। କମିଟି ସମ୍ପାଦକ ମୁସ୍ତାଫା ରଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୀଟନାଶକର ନିରାପଦ ବ୍ୟବହାର ନେଇ ସଚେତନତା

**ପଦ୍ମପୁର, ୧୮।୧୦ (ଡି.ଏନ.ଏ.):** ଭଦ୍ରକ ବ୍ଲକ ଗୋରାମାଟି ପଞ୍ଚାୟତ କାର୍ଯ୍ୟାଳୟଠାରେ କୀଟନାଶକ ଔଷଧର ନିରାପଦ ବ୍ୟବହାରକୁ ନେଇ ଚାଷୀମାନଙ୍କର ସଚେତନତା କର୍ମଶାଳା ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ସହକାରୀ କୃଷି ଅଧିକାରୀ ମନୋଜ କୁମାର ପ୍ରଧାନ ଏବଂ ଅନ୍ୟତମ ଅତିଥି ଭାବେ ଜିଲା ଫସଲ ସଂରକ୍ଷଣ ଅଧିକାରୀ ଅରୁଣ କୁମାର ପାତ୍ର, ଜିଲାପରିଷଦ ସଭ୍ୟା ସୁକାନ୍ତି ନାୟକ, ସରପଞ୍ଚ ଗଣେଶ ମଲ୍ଲିକ, ସମିତିସଭ୍ୟା ରଞ୍ଜିତା ମହାଳିକ ପ୍ରମୁଖ ଯୋଗ ଦେଇଥିଲେ। କୃଷି ଅଧିକାରୀ କୀଟନାଶକ ଔଷଧ ବ୍ୟବହାର ବେଳେ ସାବଧାନତା ଅବଲମ୍ବନ କରିବା, ନିର୍ଦ୍ଦିଷ୍ଟ ରୋଗ ପାଇଁ ଠିକ୍ ଔଷଧ ପ୍ରୟୋଗ, ଅତ୍ୟଧିକ ଖରା ବା ପବନ ବହୁଥିବା ବେଳେ ଔଷଧ ପ୍ରୟୋଗ ନ କରିବା, କୀଟନାଶକ ବ୍ୟବହାର ବେଳେ ମୁହଁ ଓ ନାକଠାରୁ ନିରାପଦ ଦୂରତାରେ ରଖିବା, ବିଷ ପ୍ରୟୋଗ ବେଳେ ଖାଦ୍ୟ, ପାନୀୟ ଗ୍ରହଣ ନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଗ୍ରାମ କୃଷି କର୍ମୀ ରଞ୍ଜନ କୁମାର ଦାସ ଓ ଦିଲୀପ କୁମାର ପଲାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୁଣ୍ଡ ଉପରେ ଝୁଲୁଛି ବିପଦ

- ୫ ଫୁଟ୍ ଉଚ୍ଚରେ ଓହଳିଛି ବିଦ୍ୟୁତ୍ ତାର
- ବାରମ୍ବାର ଅଭିଯୋଗ ପରେ ବି ହେଉନି ମରାମତି

**ବନ୍ତ, ୧୮।୧୦ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ପୋଡ଼ାପାଟଣା ଗ୍ରାମ ଯେନାସାହି ନିକଟରେ ଦୀର୍ଘଦିନ ଧରି ବିଦ୍ୟୁତ୍ ତାର କମ୍ ଉଚ୍ଚରେ ଝୁଲି ରହିଛି। ମୁଣ୍ଡ ଉପରେ ବିପଦ ଝୁଲୁଥିବା ବେଳେ ସେହି ବାଟ ଦେଇ ଲୋକେ ଯିବାଆସିବା କରୁଥିବାରୁ ଯେକୌଣସି ମୁହୂର୍ତ୍ତରେ ଧନଜୀବନ ହାନି ଘଟିବାର ଆଶଙ୍କା ରହିଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବିଭାଗକୁ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସେମାନେ ଅଭିଯୋଗ କରୁଛନ୍ତି।

ପ୍ରକାଶ ଯେ, ସଖିପାଟଣା ଛକଠାରୁ ପୋଡ଼ାପାଟଣା ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ପାର୍ଶ୍ୱରେ ଦୁଇବର୍ଷ ତଳେ ନେସ୍କୋ ପକ୍ଷରୁ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଯାଇଥିଲା। ଉକ୍ତ ଟ୍ରାନ୍ସଫର୍ମରରୁ କେବୁଲ ସାହାଯ୍ୟରେ ବିପିଏଲ୍



ରାସ୍ତାରେ କମ୍ ଉଚ୍ଚରେ ଝୁଲି ରହିଥିବା ବିଦ୍ୟୁତ୍ ତାର।

ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଉକ୍ତ ସ୍ଥାନରେ ତାର ମୁଖ୍ୟ ରାସ୍ତାଠାରୁ ମାତ୍ର ୧୦ ଫୁଟ ଉଚ୍ଚତାରେ ଝୁଲି ରହିଥିବା ବେଳେ ଯେନାସାହି ନିକଟରେ ୫ ଫୁଟ ଉଚ୍ଚରେ ଏକ କଣ୍ଟାବାଡ଼ରେ ଝୁଲିରହିଥିବା ଦେଖିବାକୁ ମିଳିଛି। କେବୁଲର କଭର ନଷ୍ଟ ହୋଇଯାଇଥିବାରୁ ତାହା ବିପଦର କାରଣ ସାଜିଛି। ଏହା ସଂସ୍ପର୍ଶରେ ଆସି ନିକଟରେ ଥିବା ଏକ ବାଉଁଶ ବୁଦାର କେତେକାଂଶ ଜଳିଯାଇଥିବା ସ୍ଥାନୀୟ ଲୋକଙ୍କଠାରୁ ଜଣାପଡ଼ିଛି। ଏପରି କି ରାସ୍ତାରେ ଯାତାୟାତ କରୁଥିବା ଲୋକ ଅଧିକାଂଶ ସମୟରେ ଏହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଆହତ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ନେସ୍କୋ ବିଭାଗକୁ ବାରମ୍ବାର ଜଣାଇବା ପରେ ମଧ୍ୟ ଆଜିକାଲି କହି ମରାମତିରେ ବିଳମ୍ବ କରାଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ପ୍ରଶାସନ ଓ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ତାର ସଂସ୍ପର୍ଶରେ ଆସି ଧନଜୀବନ ନଷ୍ଟ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପରେ ବୋଲି କୁହାଯାଇଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ସାହୁଙ୍କୁ ପଚାରିବାରୁ ଏ ବିଷୟରେ ସେ ଜାଣିନାହାନ୍ତି, ସ୍ଥାନୀୟ ବିଦ୍ୟୁତ୍ କର୍ମଚାରୀଙ୍କଠାରୁ ବୁଝିବା ପରେ ମରାମତି କରାଯିବ ବୋଲି କହିଛନ୍ତି।

## ନକଲି ବିଦ୍ୟୁତ୍ କର୍ମଚାରୀଙ୍କ ଡକାୟତି

### ଟଙ୍କା, ସୁନା ଅଳଙ୍କାର ଲୁଟ୍

**ତିହିଡ଼ି, ୧୮।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଦୋଳସାହି ଗ୍ରାମର ଚିନ୍ତାମଣି ସାହୁଙ୍କ ଘରୁ ଶୁକ୍ରବାର ମଧ୍ୟାହ୍ନରେ ଡକାୟତି ହୋଇଛି। ଡକାୟତମାନେ ନିଜକୁ ବିଦ୍ୟୁତ୍ କର୍ମଚାରୀର ପରିଚୟ ଦେଇ ମିଟର ଯାଞ୍ଚ କରିବା ଆଳରେ ତାଙ୍କ ଘରେ ପଶି ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ତିହିଡ଼ି ଥାନା ପୋଲିସ ଏହି ଘଟଣାରେ ଏକ ମାମଲା(ନଂ.୪୫୪/୧୯) ରୁଜୁ କରି ତଦନ୍ତ ଚଳାଇଛି। ଚିନ୍ତାମଣି ଥାନାରେ ଅଭିଯୋଗ କରିଛନ୍ତି ଯେ, ମଧ୍ୟାହ୍ନରେ ୨ ଜଣ ବ୍ୟକ୍ତି ତାଙ୍କ ଘରକୁ ଆସିଥିଲେ। ବିଦ୍ୟୁତ୍ କର୍ମଚାରୀ ପରିଚୟ ଦେଇ ସେମାନେ ମିଟର ଯାଞ୍ଚ କରିବା ବାହାନାରେ ତାଙ୍କ ଘର ଭିତରକୁ ପଶିଥିଲେ। ପରେ ଘରେ ଥିବା ତାଙ୍କ ସ୍ତ୍ରୀଙ୍କୁ ସେମାନେ ଆକ୍ରମଣ କରିଥିଲେ। ଏହି ସମୟରେ ସେହି ଡକାୟତ ଦଳର ଅନ୍ୟ ଦୁଇଜଣ ମୁହଁରେ କପଡ଼ା ବାନ୍ଧି ସେଠାରେ ପହଞ୍ଚିଥିଲେ। ସେମାନେ ତାଙ୍କର ଓ ତାଙ୍କ ସ୍ତ୍ରୀଙ୍କ ହାତ ଗୋଡ଼ ବାନ୍ଧି ଦେଇ ଘରୁ ୩୦ ହଜାର ଟଙ୍କା ସହିତ ସୁନା ଅଳଙ୍କାର ଲୁଟ୍ କରି ପଳାଇ ଯାଇଥିଲେ। ତେବେ ଆକ୍ରମଣରେ ଆହତ ଚିନ୍ତାମଣିଙ୍କ ସ୍ତ୍ରୀଙ୍କୁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

## ଅଭିନୟରେ ପ୍ଲାଷ୍ଟିକ ବର୍ଜନ ସଚେତନତା




ଛାତ୍ରୀଛାତ୍ର ପ୍ଲାଷ୍ଟିକ ବର୍ଜନ ନେଇ ଅଭିନୟ ପ୍ରଦର୍ଶନ କରୁଛନ୍ତି।

**ଆରଡ଼ି, ୧୮।୧୦ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକର ମଠଡିହ ଓ ପହଣା, ଧାମନଗର ବ୍ଲକର ବାପୁଜୀ କ୍ଲଷ୍ଟରରେ ଶୁକ୍ରବାର 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମସ୍ତ କ୍ଲଷ୍ଟରରେ ବିତର୍କ, ପ୍ରବନ୍ଧ ଲିଖନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ଚିତ୍ରାଙ୍କନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତା କାରାଯାଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ବ୍ଲକସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ମଠଡିହ କ୍ଲଷ୍ଟର ଅଧୀନ ସୁନ୍ଦରପୁର ଦୋହରାପାଟଣା ଉ.ପ୍ରା. ବିଦ୍ୟାଳୟରେ ଏହି ଉପଲକ୍ଷେ ସଭା ହୋଇଥିଲା। ପ୍ରଧାନଶିକ୍ଷକ ଅନିଲ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକ ଓ ସିଆର୍‌ସିସି ନିକୁଞ୍ଜ ବିହାରୀ କର ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ ବର୍ଜନ ନେଇ ବିଦ୍ୟାଳୟ ଛାତ୍ରୀଛାତ୍ର ଅଭିନୟ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଶିକ୍ଷକ ରଞ୍ଜୀବ କୁମାର ରାଉତ, ଦୀପ୍ତିରଞ୍ଜନ ଖିଲାର, ଉଦୟକର ଜେନା, ଲକ୍ଷ୍ମୀଧର ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ପହଣା ପ୍ରାଥମିକ ବିଦ୍ୟାଳୟରେ ଆଖଣ୍ଡଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କାଳନ୍ଦୀ ଚରଣ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ପହଣା କ୍ଲଷ୍ଟରର ପୂର୍ବତନ ସିଆର୍‌ସିସି ହୃଦାନନ୍ଦ ନାୟକ ଓ ସିଆର୍‌ସିସି ମଞ୍ଜୁଳି ଚରଣ ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ।

ସେହିପରି ବାପୁଜୀ ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷାବିତ୍ ସୁରେନ୍ଦ୍ର ବାରିକ ଓ ସିଆର୍‌ସିସି ପ୍ରଦୀପ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମଞ୍ଜୁରାଣୀ ଦାଶ, ଶିକ୍ଷକ ପ୍ରଭଞ୍ଜନ ସାହୁ, କ୍ଷୀରୋଦ ବଳ, ଅଜୟ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜନଶୁଣାଣି: ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ସମୀକ୍ଷା



ଜନଅଭିଯୋଗ ଶୁଣାଣି ଶିବିରରେ ଅଧିକାରୀମାନେ।

**ଭଣ୍ଡାରିପୋଖରୀ, ୧୮।୧୦ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ସଭାଗୃହଠାରେ ଶୁକ୍ରବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବନମାଳୀ ତରାଇ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ବ୍ଲକ ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା। ଭଦ୍ରକ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଯୋଗଦେଇ ଏହି ଯୋଜନାରେ ହୋଇଥିବା କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଯୋଜନାରେ ଉପୁଜୁଥିବା ବହୁବିଧ ସମସ୍ୟା ସମ୍ପର୍କରେ ସେ କହିଥିଲେ। ସେହିପରି ସାମାଜିକ ସମୀକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ଓ ପଞ୍ଚାୟତିରାଜ ପାନୀୟଜଳ ଉପରେ ସେ ସମୀକ୍ଷା କରିଥିଲେ। ଶିବିରରେ ମୁଖ୍ୟତଃ ବିଭିନ୍ନ ପଞ୍ଚାୟତରେ ବହୁ ମୃତ ବ୍ୟକ୍ତିଙ୍କ ନାଁରେ ଭତ୍ତା ଉଠାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ଏହାର ତଦନ୍ତ କରି ରିକଭରି ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦକ୍ଷିଣବାଡ଼ ଗ୍ରାମର ଜଣେ ଯୋଗ୍ୟ ହିତାଧିକାରୀ ବିଜୁ ପକ୍କାଘର ଯୋଜନାରେ ଘର ପାଇବାରୁ ବଞ୍ଚିତ ହୋଇଥିବା ଏବଂ ଉତ୍ତରବାଡ଼ ଗ୍ରାମର ସୁମତୀ ଜେନା(୬୩)ଙ୍କୁ ୧୦ ମାସ ହେଲା ଚାଉଳ କି ଭତ୍ତା ଦିଆଯାଉ ନ ଥିବା ନେଇ ଦକ୍ଷିଣବାଡ଼ ସରପଞ୍ଚ ବିଜୟ ଶଙ୍କର ମହାନ୍ତି ଅଭିଯୋଗ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ଏପିଓ ଜୟଶ୍ରୀ କର ଓ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ନାୟକ ଶିବିରରେ ଯୋଗ ଦେଇଥିଲେ। ବ୍ଲକ ଅଞ୍ଚଳର ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆର୍‌ଏସ୍, କନିଷ୍ଠଯନ୍ତ୍ରୀ, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ଏନ୍‌ଆର୍‌ଇଜିଏସ୍ ସହାୟକ ଅଶୋକ କୁମାର ରାଉତ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଧୂଷୁରୀରେ ଖୋଲିଲା ପଲ୍ୟୁଶନ ଯାଞ୍ଚ କେନ୍ଦ୍ର

**ଧାମନଗର, ୧୮।୧୦ (ଡି.ଏନ.ଏ.)**

ଧାମନଗର ବ୍ଲକ ଧୂଷୁରୀ ବଜାରରେ ଉତ୍କଳିକା ପଲ୍ୟୁଶନ ଯାଞ୍ଚ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଧୂଷୁରୀ ଥାନା ଆଇଆଇସି ପ୍ରଫୁଲ୍ଲ ସିଂ ଉଦ୍‌ଘାଟନ କରିଥିଲେ। ପ୍ରଦୂଷଣ ପାଇଁ ବିଭିନ୍ନ ଗାଡ଼ିକୁ ଯାଞ୍ଚ କରି ସାର୍ଟିଫିକେଟ ପ୍ରଦାନ ସକାଶେ ଗ୍ରାମାଞ୍ଚଳରେ ଏହି କେନ୍ଦ୍ର ଖୋଲାଯିବାକୁ ସ୍ୱାଗତ କରାଯାଇଛି। ଓୟୁଜେ ରାଜ୍ୟ ଉପସଭାପତି କିଷାନ ରାଉତ, ଧାମନଗର ପ୍ରେସ୍ କ୍ଲବ ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର, ପୀତବାସ ବେହେରା ଓ ହରେକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଧାମନଗର ବଜାର ଦକ୍ଷିଣବାଡ଼ ବଡ଼ପୋଲ ଛକ ନିକଟରେ ରାଧାକୃଷ୍ଣ ପଲ୍ୟୁଶନ ଯାଞ୍ଚ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଧାମନଗର ଭାଜପା ନଗର ସଭାପତି କୈଳାସ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଅବିନାଶ ଲେଙ୍କା, ବିଜୟ ରାମ, ଲିପନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

# ଜିଲାସ୍ତରକୁ ୨୬ ଛାତ୍ରୀଛାତ୍ର ମନୋନୀତ

**ବନ୍ତ, ୧୮।୧୦ (ସ୍ୱ.ପ୍ର.)**

ବନ୍ତ ବ୍ଲକ ଆଗରପଡ଼ାସ୍ଥିତ କୃଷ୍ଣଚରଣ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ଟି ବିଦ୍ୟାଳୟର ୧୫୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଜୁନିୟରରୁ ୧୩ ଓ ସିନିୟରରୁ ୧୩ ମୋଟ ୨୬ ବାଳିକା ବାଳକ ଜିଲାସ୍ତରରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ପ୍ରଧାନଶିକ୍ଷକ ଶରତ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଜିଲାପରିଷଦ ସଭ୍ୟ ପ୍ରଶାନ୍ତ ଦାଶ, ଆଗରପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଜଇନୁଲ ଆବେଦିନ୍, ସିଆର୍‌ସିସି ପ୍ରଫୁଲ୍ଲ ଜେନା ଯୋଗ ଦେଇଥିଲେ। କ୍ରୀଡ଼ା ଦ୍ୱାରା ଛାତ୍ରୀଛାତ୍ରଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଘଟିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜୁନିୟର ଓ ସିନିୟର ପ୍ରତିଯୋଗୀଙ୍କ ମଧ୍ୟରେ ଦୌଡ଼, ଲମ୍ଫଡିଆଁ, କ୍ରିକେଟ ଓ ଥ୍ରୋ ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକ ଧୀରେନ୍ଦ୍ର କୁମାର ଷଡ଼ଙ୍ଗୀ, ସହଦେବ ବେହେରା, ଜଗନ୍ନାଥ ଦ୍ୱିବେଦୀ, ନିୟତିମଣି ପଣ୍ଡା, ବିଜୟଲକ୍ଷ୍ମୀ ମଲ୍ଲିକ, ସଙ୍ଗୀତା ବେହେରା, ମନୋଜ କୁମାର ଶଙ୍ଖୁଆ, ବିଦ୍ୟୁତଲତା ଦାଶ, ଚିତ୍ରାବତୀ ବେହେରା, ଯୁଧିଷ୍ଠିର ନାୟକ, ଗଣେଶ ଦାସ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ବ୍ଲକ କ୍ରୀଡ଼ା ସମ୍ପାଦକ କିଶୋର ଚନ୍ଦ୍ର ଦାଶ ଅତିଥି ପରିଚୟ ଓ ଧନେଶ୍ୱର ଜେନା ଧନ୍ୟବାଦ ଦେଇଥିଲେ।



କ୍ରୀଡ଼ାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## କୃଷକଙ୍କୁ ପ୍ରଶିକ୍ଷଣ

**ଭଣ୍ଡାରିପୋଖରୀ, ୧୮।୧୦ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ସରସଦା ପଞ୍ଚାୟତ ପଟାପୋଲସ୍ଥିତ ମହିମା ବଜାରଠାରେ ନୀଳମଣି ଫର୍ଟିଲାଇଜର୍ ପକ୍ଷରୁ କୃଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶଶିରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ କୃଷି ବିଭାଗ ପକ୍ଷରୁ ସ୍ୱୀକୃତ କୀଟନାଶକ ବ୍ୟବସାୟୀ ତଥା ସରପଞ୍ଚ କମଳ କୁମାର ନନ୍ଦ ଯୋଗ ଦେଇଥିଲେ। ଖରିଫ ଧାନରେ ପୋକ ଉପଦ୍ରବକୁ ଦମନ କରିବା ପାଇଁ କେଉଁ ପ୍ରକାର କୀଟନାଶକ ବ୍ୟବହାର ଆବଶ୍ୟକ ସେନେଇ ଉପସ୍ଥିତ ଚାଷୀମାନଙ୍କୁ ସେ ସୂଚନା ଦେଇଥିଲେ। ବିଭୁଦତ୍ତ ନାୟକ, ଅଚ୍ୟୁତାନନ୍ଦ ବିଶ୍ୱାଳ, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ କୀଟନାଶକ ଔଷଧର ବ୍ୟବହାର ଓ ଏହାର ଉପକାରିତା ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ। ଚାଷୀ ଦେବେନ୍ଦ୍ର ଷେଣ୍ଡ, କୁମାରେନ୍ଦ୍ର ନାୟକ, ନିର୍ମଳ ରାଉତ, ରବୀନ୍ଦ୍ର ନାୟକ, ରତ୍ନାକର ସାମଲ, ଆର୍ତ୍ତବନ୍ଧୁ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ମହୋତ୍ସବ: ଭାଗ ନେଲେ ୧୧୧ ପ୍ରତିଯୋଗୀ

**ବନ୍ତ, ୧୮।୧୦ (ଡି.ଏନ.ଏ.)**

ବନ୍ତ ବ୍ଲକ ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୬ଟି ବିଦ୍ୟାଳୟର ୧୧୧ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। କନିଷ୍ଠ, ବରିଷ୍ଠ, ଦିବ୍ୟାଙ୍ଗ ବର୍ଗର ପ୍ରତିଯୋଗୀଙ୍କ ମଧ୍ୟରେ ତର୍କ, ବକ୍ତୃତା, କୁଇଜ୍, ସଙ୍ଗୀତ, ଚିତ୍ରାଙ୍କନ, ହସ୍ତାକ୍ଷର, ଶ୍ରୁତଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମଧ୍ୟାହ୍ନ ଭୋଜନ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ୩ଟି ବର୍ଗରୁ ୨୦ ପ୍ରତିଯୋଗୀ ବ୍ଲକସ୍ତରକୁ ମନୋନୀତ ହୋଇଛନ୍ତି। ପ୍ରାରମ୍ଭରେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପାଢୀଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା।

ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୁକାନ୍ତ କୁମାର ବେହେରା, ପରିଚାଳନା କମିଟି ଅଧ୍ୟକ୍ଷ ଚନ୍ଦ୍ରଶେଖର ଧଳ, ମହତାବ ମଈ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ଜେନା, ନାଏବସରପଞ୍ଚ ଅବ୍ୟର୍ଥ ଧଳ ଓ ଶିକ୍ଷକ ସନ୍ତୋଷ କୁମାର ଜେନା ଯୋଗଦେଇ ଲୁକ୍କାୟିତ ପ୍ରତିଭାର ବିକାଶ କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ସହାୟକ ହେଉଛି ବୋଲି କହିଥିଲେ। ବିଚାରକ ଭାବେ ସଞ୍ଜୟ ଦାଶ, ପଙ୍କଜ ଦାସ, ସୌମିତ୍ରୀ କର, ଅରୁଣ କୁମାର ଜେନା, ବିବେକାନନ୍ଦ ସାହୁ, କେଦାର ଦାସ, ନିର୍ମଳ ନାୟକ, ସୃଜତିକୃଷ୍ଣ ବେହେରା, କୁମୁଦିନୀ ପ୍ରଧାନ, ଜୟନ୍ତୀ ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ଉଷାଲତା ମହାପାତ୍ର, ଅଲିଭା ପଣ୍ଡା, ଗୌରୀବାଳା ପାତ୍ର, ବସୁନ୍ଧରା ଜେନା, ପ୍ରଫୁଲ୍ଲ ବାରିକଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଅମରପୁର-ନୂଆବନ୍ଧ ରାସ୍ତା ଫାଟି ଆଁ

**ତିହିଡ଼ି, ୧୮।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଭଦ୍ରକ-ଚାନ୍ଦବାଲି ରାସ୍ତାଠାରୁ ନୂଆବନ୍ଧ ଭାୟା ଅମରପୁର ରାସ୍ତା ଫାଟି ଆଁ କରିଛି। ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ୫ ବର୍ଷ ପୂର୍ବେ ନିର୍ମିତ ହୋଇଥିବା ଏହି ରାସ୍ତାର ଦୁରବସ୍ଥା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ବିଭାଗର ତଦାରଖ ଅଭାବରୁ ରାସ୍ତାର ଏଭଳି ଅବସ୍ଥା ହୋଇଥିବା ଅଭିଯୋଗ ହେଉଛି। ଯାତାୟାତ ପାଇଁ ଲୋକେ ହୀନସ୍ତା ହେଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଉଦାସୀନ ରହିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଭଦ୍ରକ-ଚାନ୍ଦବାଲି ରାସ୍ତାଠାରୁ ନୂଆବନ୍ଧ ପର୍ଯ୍ୟନ୍ତ ୧୧ କି.ମି. ରାସ୍ତା। ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ପ୍ରାୟ ୧୦ ହଜାର ଲୋକ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ୫ବର୍ଷ ତଳେ ରାସ୍ତା ନିର୍ମାଣ ହୋଇଥିଲା। ନିର୍ମାଣର କିଛିଦିନ ପରେ ରାସ୍ତାର କଂକ୍ରିଟ୍ ଫାଟି ଯାଇଥିଲା। ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ଏଥିଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହାମଧ୍ୟରେ ମରାମତି କରାଯାଇ ନ ଥିବାରୁ ରାସ୍ତାଟି ବିପଦସଙ୍କୁଳ ହୋଇଛି। ପଞ୍ଚାୟତ ବନ୍ୟାପ୍ଲାବିତ ହୋଇଥିବାରୁ ମରାମତି ନ ହେଲେ ଲୋକେ ସମସ୍ୟାର ସମ୍ମୁଖୀନ ହେବେ ବୋଲି କୁହାଯାଇଛି। ବିଭାଗ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି କରାଯିବାକୁ ଦିଲୀପ ଗୋଥ, ଶ୍ରୀଧର ମଳିକ, ଦେବେନ୍ଦ୍ର ମଳିକ, ବିଜୟ ପରିଡ଼ା, ସୁବାସ ଦାସ, ଯଦୁନାଥ ଦାସ, ପଞ୍ଚାନନ ମହାଳିକ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଣବ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ମରାମତି ପାଇଁ ଅନୁଦାନ ବ୍ୟବସ୍ଥା କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଅନୁଦାନ ମିଳିଲେ ରାସ୍ତା ମରାମତି କରାଯିବ।



ଅମରପୁର-ନୂଆବନ୍ଧ ରାସ୍ତା।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୪ ଗିରଫ

ଖୁଣ୍ଟା,୧୮।୧୦(ଡି.ଏନ୍.ଏ.): ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୦ ଲିଟର ଦେଶୀ ମଦ ଓ ୩ କେ.ଜି ୪୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ବେଆଇନ କାରବାରରେ ଲିପ୍ତ ଥିବା ୨ ମହିଳାଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବାହାନଡା ଗ୍ରାମର ଜ୍ୟୋତ୍ସ୍ନା ବେହେରା, ସାହାରବେଡା ଗ୍ରାମର ଗୌରୀ ଟୁଡ୍ଡୁ, ପୁରୁଣାପାଣି ଗ୍ରାମର ସାରଦା ମାହାଲି। ଏହି ୩ ଅଭିଯୁକ୍ତଙ୍କ ଠାରୁ ଦେଶୀ ମଦ ଜବତ କରାଯାଇଥିବାବେଳେ ଡୁକୁରା ଗ୍ରାମର ଜଗତ ବଲ୍ଲଭ ବେହେରାଙ୍କଠାରୁ ଗଞ୍ଜେଇ ଜବତ କରାଯାଇଛି। ଖୁଣ୍ଟା ଅବକାରୀ ଥାନା ଅଧିକାରୀ ସଚିନ କୁମାର ବେହେରାଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ଚଢାଉରେ ସାମିଲ ଥିଲେ ।

### ଫୁଟବଲ୍ ଷ୍ଟାଡିୟମ ନିର୍ମାଣ ଦାବି

ବୈଶିଙ୍ଗା,୧୮।୧୦(ଡି.ଏନ୍.ଏ.)- ବେତନଟୀ ବ୍ଲକ ଅଧୀନ ମହିଷାଶୋଳ ପଞ୍ଚାୟତର ଧାନଘରା ଗ୍ରାମରେ ହିଟାଙ୍ଗ ଝାଲାଙ୍ଗ କ୍ଲବର ରୌପ୍ୟ ଜୟନ୍ତୀ ଅବସରରେ ଏକ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଓ ବିଧାୟକ ସନାତନ ବିଜୁଳି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବ ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ଓ ବିଧାୟକଙ୍କଠାରେ ସ୍ଥାନୀୟ ଅଞ୍ଚଳରେ ଏକ ଫୁଟବଲ ଷ୍ଟାଡିୟମ ନିର୍ମାଣ ଲାଗି ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା। ଏହି ଦାବି ପୂରଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଫାଇନାଲ ମ୍ୟାଚରେ ବାଲେଶ୍ୱର ଜିଲା ସୋର ଅଞ୍ଚଳର ବିର୍ସାମୁଣ୍ଡା ଦଳ ବୈଶିଙ୍ଗା ନିକଟସ୍ଥ କ୍ଷୀରପଦା ଗ୍ରାମର ମହାବୀର ୟୁଥ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଚାମ୍ପିୟନ ଦଳକୁ ୫୦,୦୦୦ ଓ ରନର୍ସଅପ୍ ଦଳକୁ ୩୫,୦୦୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ମାନିମଣି ସିଂ, ସମିତିସଭ୍ୟା ପ୍ରତିମା ହାଁସଦା, ୩୬ ନଂ. ଜୋନ ଜିଲା ପରିଷଦ ସଭ୍ୟ ବ୍ରଜ ମୋହନ ବେହେରା, ୩୫ ନଂ. ଜୋନ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ରାଉତ, ବୁଲୁ ପାଣି, ରତିକାନ୍ତ ମହାନ୍ତ, ପ୍ରଶାନ୍ତ ସାମଲ, ସୁଦର୍ଶନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ସଭାପତି ମଙ୍ଗଲ ସିଂ, ସମ୍ପାଦକ ରାଜେଶ ସିଂ, ଉପସଭାପତି ଦିଲୀପ ସିଂ, ସଭ୍ୟ ସଦନ ସିଂ, ବାପି ସିଂ ଓ ରଘୁ ସିଂ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### ଛଉ ନୃତ୍ୟ କର୍ମଶାଳା

ବାରିପଦା ଅଫିସ,୧୮।୧୦- ପ୍ରୋଜେକ୍ଟ ଛାଉଣି ପକ୍ଷରୁ ଶୁଳିଆପଦା ବ୍ଲକ ବେଗୁନଡ଼ିହାଠାରେ ଛଉ ନୃତ୍ୟ କର୍ମଶାଳା ଅନୁଷ୍ଠିତ ହେଉଛି। ଏହା ୧୬ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ଶନିବାର ଉଦ୍‌ଯାପିତ ହେବ। ୧୮ ଟି ଛଉ ନୃତ୍ୟ ଅନୁଷ୍ଠାନର ୫୨ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଏଠାରେ ଭାଗ ନେଇ ପ୍ରଶିକ୍ଷଣ ନେଉଛନ୍ତି। ଛଉନୃତ୍ୟ ଗୁରୁ ତ୍ରିଲୋଚନ ମହାନ୍ତ ଓ ପାଗୁଲୁ ଜେନା କର୍ମଶାଳାରେ ତାଲିମ ପ୍ରଦାନ କରୁଛନ୍ତି। ଚକାଡୋଲା ଛଉ ନୃତ୍ୟ ପ୍ରତିଷ୍ଠାନ ସହଯୋଗରେ ଏହି କର୍ମଶାଳା ଅନୁଷ୍ଠିତ ହେଉଛି।

# ବାରିପଦାରେ କମନ ରିଭ୍ୟୁ ମିଶନ ପ୍ରତିନିଧି ଦଳ

## ଭିତ୍ତିଭୂମି ଓ ସ୍ୱାସ୍ଥ୍ୟସେବା ଅନୁଧ୍ୟାନ ମୁଖ୍ୟ ଲକ୍ଷ୍ୟ

ବାରିପଦା ଅଫିସ,୧୮।୧୦


ପିଆରଏମ ମେଡିକାଲ କଲେଜରେ ସିଆରଏମ ପ୍ରତିନିଧି ଦଳ ସ୍ଥିତି ପରଖୁଛନ୍ତି।

କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗଠିତ କମନ ରିଭ୍ୟୁ ମିଶନ(ସିଆରଏମ)ର ପ୍ରତିନିଧି ଦଳ ଶୁକ୍ରବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସିଛନ୍ତି। ଡା.ବିକେ ସ୍ୱାଇଁ ଏହି ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ବେଳେ ଟିମରେ ଡା.ଆର.ଆର ଶତପଥୀ, ମାନସ ଖରା, ସନ୍ତୋଷ ନାୟକ, ଦିଲ୍ଲୀପ ଦାଶ, ସ୍ୱରୂପ ଦାସ, ଶିବ ସୁତାର ଓ ମୃତ୍ୟୁଞ୍ଜୟ ରଥ ପ୍ରମୁଖ ରହିଛନ୍ତି। ଶୁକ୍ରବାର ଏହି ଟିମ ଦୁଇ ଭାଗରେ ବିଭକ୍ତ ହୋଇଛି। ଗୋଟିଏ ଟିମ ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ପରିଦର୍ଶନ କରିଛି। ପରିଦର୍ଶନ ବେଳେ ରୋଗୀ, ରୋଗୀଙ୍କ ସମ୍ପର୍କୀୟ ଓ କର୍ମଚାରୀମାନଙ୍କ ସହିତ ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଏହି ଟିମ ଆଲୋଚନା କରିଛି। ଭିତ୍ତିଭୂମି ସହିତ ସ୍ୱାସ୍ଥ୍ୟସେବାର ସ୍ଥିତି ଅନୁଧ୍ୟାନ କରିଛି। ପରେ ରଙ୍ଗମାଟିଆ ସିଏଚସି ଓ କରଞ୍ଜିଆ ଗ୍ରାମକୁ ଯାଇ ସ୍ଥାନୀୟ ଲୋକଙ୍କ ସହିତ ସେମାନେ ପାଉଥିବା ବିଭିନ୍ନ ସ୍ୱାସ୍ଥ୍ୟସେବା ସମ୍ପର୍କରେ ମଧ ଆଲୋଚନା କରିଥିଲେ। ଏହି ଟିମ ସହିତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପ୍ରଦୀପ ମହାପାତ୍ର ସାମିଲ ହୋଇଥିଲେ। ସେହିପରି ଅନ୍ୟ ଏକ ଟିମ ବିଜାତଲା ଗସ୍ତ କରିଥିଲା। ଗସ୍ତ ସମୟରେ ଟିମର ସଦସ୍ୟମାନେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ କାର୍ଯ୍ୟକ୍ରମ, ସଂକ୍ରାମକ ଓ ଅଣ ସଂକ୍ରାମକ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ମାନବସମ୍ବଳ ବ୍ୟବସ୍ଥା ସହ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ସୁଦୃଢ଼ୀକରଣ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଏହା ବ୍ୟତୀତ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ସଫଳ କାର୍ଯ୍ୟକ୍ରମଗୁଡିକୁ କିପରି ଅନ୍ୟ ରାଜ୍ୟରେ ଉପଯୋଗ କରାଯିବ ସେ ନେଇ ଆଲୋଚନା କରିଛନ୍ତି। ଏହି ଟିମ ୧୮, ୧୯ ଓ ୨୦ ତାରିଖ ଜିଲା ଗସ୍ତ କରିବା ପରେ ୨୧ ତାରିଖରେ ଜିଲାପାଳ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରିବ। ୨୨ରେ ଭୁବନେଶ୍ୱର ଫେରି ୨୩ ତାରିଖରେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖଯୋଗ୍ୟ ଯେ, ସିଆରଏମ ପ୍ରତିନିଧି ଦଳର ଗସ୍ତ ନ ସରିବା ପର୍ଯ୍ୟନ୍ତ ଜିଲାର ସମସ୍ତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ଚିଠି ନଂ.୪୩୪୪ (୨/୧୦/୨୦୧୯) ରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏହିନିର୍ଦ୍ଦେଶ ଦେଇଛନ୍ତି।

## ମହୁମାଛି ଆକ୍ରମଣରେ ଜଣେ ମୃତ

ରାଇରଙ୍ଗପୁର,୧୮।୧୦(ଡି.ଏନ୍.ଏ.)

ଗୋରୁମହିଷାଣୀ ଥାନା ଅଞ୍ଚଳରେ ମହୁମାଛି ଆକ୍ରମଣରେ ଗୁରୁବାର ରାତିରେ ଜଣେ ମହୁ ସଂଗ୍ରହକାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଣେଶସାହି ବସ୍ତିର ଜାମ୍ବୁ ପିଙ୍ଗୁଆ। ପରିବାରବର୍ଗ ଗୁରୁତର ଅବସ୍ଥାରେ ଜାମ୍ବୁଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଶୁକ୍ରବାର ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୯) ରୁଜୁ କରିଛି। ପ୍ରକାଶଯେ, ଜାମୁକଟା ଗ୍ରାମ ନିକଟବର୍ତ୍ତୀ ଘଞ୍ଚ ଜଙ୍ଗଲରୁ ମହୁ ସଂଗ୍ରହ କରୁଥିବା ବେଳେ ବଣୁଆ ମହୁମାଛିଙ୍କ ଆକ୍ରମଣରେ ସେ ଗୁରୁତର ହୋଇଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ


ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ।

ବଡ଼ସାହି,୧୮।୧୦(ସ୍ୱ.ପ୍ର)

ବଡ଼ସାହି ବ୍ଲକ ବଳଭଦ୍ରପୁର କ୍ଲଷ୍ଟର ଅଧୀନରେ ଥିବା ବେଲପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୁରଭି-୧୯ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ଟି ସ୍କୁଲର ୯୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ସିନିୟର, ଜୁନିୟର ଓ ଭିନ୍ନକ୍ଷମ ବିଭାଗରେ ମୋଟ ୧୮ଟି ପ୍ରତିଯୋଗିତା ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅନସୂୟା ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏବିଇଓ ପଦ୍ମଲୋଚନ ଦାସ, ମୁଖ୍ୟବକ୍ତା ଶ୍ରୀକୃଷ୍ଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସ୍କୁଲ ଅନୁନିରୀକ୍ଷକ ବଙ୍କିମ ବିହାରୀ ପାତ୍ର ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କ୍ଲଷ୍ଟରର ସିଆରସିସି ସଞ୍ଜୟ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଚିତ୍ତରଞ୍ଜନ ଗିରି, ଧ୍ରୁବେନ୍ଦ୍ର ଜେନା, ଗଦାଧର ଘୋଷ, ମନୋଜ ଦଣ୍ଡପାଟ, ଶ୍ରୀନିବାସ ମହାପାତ୍ର, ସ୍ନିଗ୍ଧା ପଲେଇ, ମଧୁପ୍ରିୟା ଧଳ, ଅଜୟ ଭୂୟାଁ, ସୁମନ୍ତ ଭୂୟାଁ, ସୁମତୀ ଜେନା, ଲତିକା ମଞ୍ଜରୀ ବେହେରା ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ଖେଳ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଅମ୍ବିକା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି

କୁଆମରା,୧୮।୧୦(ଡି.ଏନ୍.ଏ.)


କଲେଜ ପରିସରେ ଛାତ୍ରୀଛାତ୍ର ହୋହଲ୍ଲା କରୁଛନ୍ତି।

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଜଣେ ଛାତ୍ର ଟିସି ନେବା ଘଟଣାକୁ ନେଇ କଲେଜ ପରିସରରେ ଶୁକ୍ରବାର ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ପୋଲିସ ପହଞ୍ଚି ପରସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ସୂଚନା ଅନୁଯାୟୀ, ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଜଣେ ଛାତ୍ର ୨୦୧୮ରେ ଉକ୍ତ କଲେଜରେ ନାମ ଲେଖାଇ ଥିଲେ। ତେବେ ଏଠାରେ ପାଠ ପଢ଼ା ଓ ଯିବା ଆସିବାରେ ଅସୁବିଧା ଯୋଗୁଁ ଚଳିତ ବର୍ଷ ସେ ଟିସି ନେବାକୁ ଚାହିଁଥିଲେ। ଛାତ୍ରଙ୍କ କହିବା ଅନୁଯାୟୀ ସେ ଗତ ମାସରେ କଲେଜକୁ ଆସି ତାଙ୍କର କଲେଜ ଫି କେତେ ବୋଲି ଦାୟିତ୍ୱରେ ଥିବା ଜଣେ କିରାଣୀଙ୍କୁ ପଚାରିବାରୁ ସେ ୫ହଜାର ୫ ଶହ ଟଙ୍କା କହିଥିଲେ। ଶୁକ୍ରବାର ଛାତ୍ର ଜଣକ ଟଙ୍କା ନେଇ କଲେଜ ଆସି ଟିସି ଦେବାକୁ କହିଥିଲେ। ମାତ୍ର କିରାଣୀ ଜଣକ ତାଙ୍କୁ ୭ ହଜାର ଟଙ୍କା ମାଗିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଛାତ୍ରଙ୍କୁ ନେଇ କିରାଣୀ ଅଧକ୍ଷଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ୩ ଜଣଙ୍କ ମଧ୍ୟରେ ଯୁକ୍ତିତର୍କ ବଢିଥିଲା। ଏହି ଘଟଣାକୁ ନେଇ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଛାତ୍ରୀଛାତ୍ରମାନେ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ହୋହଲ୍ଲା କରିଥିଲେ। ତେବେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ଖୁଣ୍ଟା ଥାନା ଆଇଆଇସି ନବକୃଷ୍ଣ ନାଏକ, ସେକେଣ୍ଡ ଅଫିସର ସୌମ୍ୟ ରଞ୍ଜନ ଭୋଳଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଉତ୍ତେଜିତ ଛାତ୍ରୀଛାତ୍ରମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଛାତ୍ରଛାତ୍ରୀଙ୍କ ଦାବିକୁ ଅଧକ୍ଷ ମାନିନେବା ପରେ ଗେଟ ତାଲା ଖୋଲିଥିଲା। ।

# ଲକ୍ଷାଧିକ ଟଙ୍କାର ବାଣ ଜବତ

ବୈଶିଙ୍ଗା,୧୮।୧୦(ଡି.ଏନ୍.ଏ.)


ଜବତ ହୋଇଥିବା ବାଣ।

ମୟୂରଭଞ୍ଜ ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଓ ବୈଶିଙ୍ଗା ପୋଲିସର ଏକ ଟିମ୍ ବୈଶିଙ୍ଗା ଥାନା ଅନ୍ତର୍ଗତ ବାଛୁରୀପଡା ଗ୍ରାମରେ ଗୁରୁବାର ଚଢାଉ କରି ଲକ୍ଷାଧିକ ଟଙ୍କାର ବାଣ ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବୀରେନ ସାହୁ ଓ ଲକ୍ଷ୍ମୀଧର ସାହୁ।

ସୂଚନା ଅନୁଯାୟୀ, ବାଛୁରୀପଡା ଗ୍ରାମର କିଛି ଲୋକ ବାଣ ତିଆରି କରି ବିକ୍ରି କରିଥାନ୍ତି। ବର୍ଷର ବିଭିନ୍ନ ସମୟରେ ସେମାନେ ବାଣ କାମ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ଏହି ଗ୍ରାମକୁ ଓଡ଼ିଶାର ଶିବକାଶୀ ବୋଲି ମଧ କୁହାଯାଇଥାଏ। ତେବେ ବିନା ଲାଇସେନ୍ସରେ ସେମାନେ ବାଣ ପ୍ରସ୍ତୁତ କରି ବିକ୍ରି କରୁଥିବାରୁ ଗୁରୁବାର ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ଦୀପାବଳି ଉପଲକ୍ଷେ ତିଆରି ହୋଇଥିବା ଲକ୍ଷାଧିକ ଟଙ୍କାର ବାଣ ଓ ବିସ୍ଫୋରକ ସାମଗ୍ରୀକୁ ପୋଲିସ ଜବତ କରିଥିଲା। ଏଥିନେଇ ବୈଶିଙ୍ଗା ଥାନାରେ ଦୁଇଟି ମାମଲା( ନଂ. ୨୨୩ /୧୯ ଓ ୨୨୪/୧୯) ରୁଜୁ କରାଯାଇଛି।

# ନିମ୍ନମାନର ସୌରଚାଳିତ ଷ୍ଟ୍ରିଟ ଲାଇଟକୁ ବିରୋଧ

ଠାକୁରମୁଣ୍ଡା,୧୮।୧୦(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକର ୪ଟି ପଞ୍ଚାୟତରେ ଜାତୀୟ ରୁର୍ବାନମିଶନ ଯୋଜନାରେ ଲାଗୁଥିବା ସୌରଚଳିତ ଷ୍ଟ୍ରିଟ ଲାଇଟ ନିମ୍ନମାନର ବୋଲି ବ୍ଲକ ଅଧକ୍ଷ ଅଭିଯୋଗ କରିଛନ୍ତି। ଫଳରେ କାର୍ଯ୍ୟ ଆରମ୍ଭ କରିଥିବା ସଂସ୍ଥା କାମବନ୍ଦ କରି ଫେରିଯାଇଛି।

ଅଭିଯୋଗ ଅନୁଯାୟୀ ପାରମ୍ପରିକ ବିଜୁଳି ଦର ଓ ଅନିୟମିତ ବିଦ୍ୟୁତ ଯୋଗାଣ ଦୃଷ୍ଟିରୁ ସୌରଚାଳିତ ଷ୍ଟ୍ରିଟ ଲାଇଟ ଆଲୋକ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ସେହି ଦୃଷ୍ଟିରୁ ବ୍ଲକରେ ୧୦୦ଟି ଷ୍ଟ୍ରିଟ ଲାଇଟ ଲଗାଇବାକୁ ସରକାରଙ୍କ ପରିଚାଳନାରେ ଏକ ଘରୋଇ ସଂସ୍ଥା ଠିକା ନେଇ କାର୍ଯ୍ୟ ଆରମ୍ଭ କରିଥିଲା। କାମ ଆରମ୍ଭ ପରେ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା ଷ୍ଟ୍ରିଟ ଲାଇଟ କାମକୁ ବିରୋଧ କରିଥିଲେ। ଫଳରେ ସଂପୃକ୍ତ ସଂସ୍ଥା କାମକୁ ବନ୍ଦ କରି ବ୍ୟବହୃତ ସାମଗ୍ରୀ ଗୁଡିକ ନେଇ ପଳାଇ ଯାଇଥିଲେ। ଏ ସମ୍ପର୍କରେ ବିଡ଼ିଓଙ୍କୁ ପଚାରିବାରୁ ଭୁଲ ବୁଝାମଣା ଯୋଗୁ ଏହି କାର୍ଯ୍ୟବନ୍ଦ ହୋଇଥିବା କହିଛନ୍ତି। ଜିଲାସ୍ତରରେ ଓରେଡା ମାଧମରେ ଲାଇଟ ଲଗାଯିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହି ଅନୁଯାୟୀ ଦାୟିତ୍ୱ ନେଇଥିବା ସଂସ୍ଥା ପକ୍ଷରୁ କାମ ହେଉଥିଲା ବୋଲି ବିଡିଓ କହିଛନ୍ତି।

# ‘ମାଟିକୁ ସବୁବେଳେ ଭଲ ପାଇବା ଆବଶ୍ୟକ: ରାଜ୍ୟପାଳ’


ମଞ୍ଚରେ ଉପସ୍ଥିତ ରାଜ୍ୟପାଳଙ୍କ ସହ ଅନ୍ୟ ଅତିଥିବୃନ୍ଦ।

ବାଙ୍ଗିରିପୋଷି,୧୮।୧୦(ଡି.ଏନ୍.ଏ.)

ବାଙ୍ଗିରିପୋଷି ଗସ୍ତରେ ଆସି ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲ ଶୁକ୍ରବାର ଫେରିଯାଇଛନ୍ତି। ବାଙ୍ଗିରିପୋଷି ବ୍ଲକ ଶ୍ୟାମସୁନ୍ଦରପୁର ସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ସଭା କାର୍ଯ୍ୟରେ ଯୋଗ ଦେବା ସହ ଛାତ୍ରୀଛାତ୍ରମାନଙ୍କ ସହ ନିଜ ଅନୁଭୂତି ବାଣ୍ଟିଥିଲେ ରାଜ୍ୟପାଳ। ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଭଗବାନ ଶ୍ରୀକୃଷ୍ଣଙ୍କ ପରି ମୁହଁରେ ହସ ରଖି ନିଜର କର୍ତ୍ତବ୍ୟ ପଥରେ ଆଗେଇ ଯିବାକୁ ସେ ପରାମର୍ଶ ଦେଇଥିଲେ। ନିଜକୁ ସରଳ ଜୀବନ ଢଙ୍ଗରେ ଗଢି ତୋଳିଲେ ଉନ୍ନତିର ଶିଖର ଛୁଇଁବ ବୋଲି କହିଥିଲେ । ଭାରତ ମାଟିର ସଂସ୍କୃତି, ଐତିହ୍ୟକୁ ଭଲ ପାଇ କେତେ ବିଦେଶୀ ନିଜକୁ ସେହି ଢଙ୍ଗରେ ପରିବର୍ତ୍ତନ କରିସାରିଛନ୍ତି। ତେଣୁ ଆମର ଏହି ମାଟିକୁ ସବୁବେଳେ ଭଲପାଇବା ଆବଶ୍ୟକ ବୋଲି ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ରାଜ୍ୟପାଳଙ୍କ ସହ ଜିଲାପାଳ ବିନୀତ ଭରଦ୍ୱାଜ, ଜିଲା ଆରକ୍ଷୀ ଅଧୀକ୍ଷକ ପରମାର ସ୍ମିଥ ପୁରୁଷୋତ୍ତମ ଦାସ, ବାରିପଦା ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ସଭା ଶେଷରେ ବିଦ୍ୟାଳୟ ପରିସରରେ ରଜ୍ୟପାଳ ଏକ ନିମ୍ବ ଚାରାରୋପଣ କରିଥିଲେ। ବିଦ୍ୟାଳୟ ଛାତ୍ରୀ ନିବାସ ବୁଲି ଦେଖିବା ବେଳେ ସଫାସୁତୁରା ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମ ବେଳେ ବିଦ୍ୟାଳୟର ଅବ୍ୟବସ୍ଥା, ନିକଟସ୍ଥ ଡାକ୍ତରଖାନାରେ ଡାକ୍ତର ଅଭାବ ସମସ୍ୟା, ଅନୁସୂଚୀତ ଜାତି ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ବ୍ୟବସ୍ଥା ପ୍ରଭୃତି ଦାବିନେଇ ସ୍ଥାନୀୟ ଅଭିଭାବକ, ଗ୍ରାମବାସୀ ଏବଂ ବୁଦ୍ଧିଜିବୀଙ୍କ ତରଫରୁ ରାଜ୍ୟପାଳଙ୍କୁ ବିଭିନ୍ନ ଦାବିପତ୍ର ପ୍ରଦାନ କରାଯାଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ବାରିପଦା ଅତିରିକ୍ତ ଆରକ୍ଷୀ ଅକ୍ଷୀକ୍ଷକ ଅଭିମନ୍ୟୁ ନାଏକଙ୍କ ସହ ବାଙ୍ଗିରିପୋଷି ଥାନା ଅଧିକାରୀ ଚନ୍ଦନ ଘଡାଇ ଏବଂ ଝାରପୋଖରିଆ ଥାନା ଆଇଆଇସି ଶରତ ଚନ୍ଦ୍ର ମହାଳିକଙ୍କ ସହ ସ୍ଥାନୀୟ ପୋଲିସ ନିୟୋଜିତ ହୋଇଥିଲେ।

## ଧାନଘେରା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ରାଜ୍ୟପାଳ

ଖୁଣ୍ଟା,୧୮।୧୦(ଡି.ଏନ୍.ଏ.)

ଖୁଣ୍ଟା ବ୍ଲକ ଅଧିନ ଧାନଘେରା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଆୟୋଜିତ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲ ଯୋଗ ଦେଇଥିଲେ। ଜିଲାପାଳ ବିନୀତ ଭରଦ୍ୱାଜ ଓ ଆରକ୍ଷୀ ଅଧିକ୍ଷକ ପରମାସ୍ମିଥ ପୁରୁଷତ୍ତମ ଦାସ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରାଜ୍ୟପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ରାଜ୍ୟପାଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାନବତା ଓ ବିନମ୍ରତା ଗୁଣ ଉପରେ ବୁଝାଇଥିଲେ। ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ ରାୟଗୁରୁ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିସରରେ ରାଜ୍ୟପାଳ ବୃକ୍ଷରୋପଣ କରିଥିଲେ ।

# ଟ୍ରେଡ୍ ୟୁନିୟନର ଶତବାର୍ଷିକୀ ଉତ୍ସବ

ବାରିପଦା ଅଫିସ,୧୮।୧୦

ବାରିପଦା ଷ୍ଟେଶନ ବଜାରସ୍ଥିତ ସିଆଇଟିୟୁ ଜିଲା କାର୍ଯ୍ୟାଳୟଠାରେ ଭାରତର ପ୍ରଥମ ଟ୍ରେଡ୍ ୟୁନିୟନ ଗଠନର ଶତ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ସିଆଇଟିୟୁ ସହିତ ଅନୁବନ୍ଧିତ ବାରିପଦା ମୋଟର କର୍ମଚାରୀ ସଂଘ, ବିଏସ୍‌ଏନ୍‌ଏଲ୍ କାଜୁଆଲ କର୍ମଚାରୀ ସଂଘ, ମଧ୍ୟାହ୍ନଭୋଜନ କର୍ମଚାରୀ ସଂଘ ଓ ଆଶା କର୍ମୀ ସଂଘ ପକ୍ଷରୁ ଏହି ଅବସରରେ ପତାକା ଉତ୍ତୋଳନ କରାଯାଇଥିଲା। ସଭାପତି ରବି ଗୋସ୍ୱାମୀ, ସମ୍ପାଦକ ଅମଲ ଦେ, ରଘୁନାଥ ପଣ୍ଡା, ଅକ୍ଷୟ କୁମାର ଖୁଣ୍ଟିଆ, ସନ୍ଧ୍ୟା ବେହେରା, କ୍ଷିତୀଶ ସାସମଲ, ଶକ୍ତିପଦ ସାହୁ, ଅଶୋକ କୁମାର ଭଞ୍ଜଦେଓ, ମନୋରଞ୍ଜନ ପରିଡା, ଦାଶରଥି ରାଉତ, ସଞ୍ଜୟ କୁମାର ଜେନା, ରବୀନ୍ଦ୍ର ପ୍ରଧାନ ଓ ସତ୍ୟରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।


ପତାକା ଉତ୍ତୋଳନ କରାଯାଉଛି।

## ସଂକ୍ଷେପରେ

### ଆଶାରେ ବିତୁଛି ଦିନ



ରାଇସୁଆଁ,୧୮।୧୦ (ଡି.ଏନ.ଏ.)- କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ ରାୟଗୋଡା ପଞ୍ଚାୟତ ଆମୁଣି ଗାଁ ନିକଟସ୍ଥ ଏକ ସାହିର ଭଙ୍ଗା ଦଦରା ଘରେ ୧୨ ବର୍ଷର ଝିଅ ରଜନୀ ତାଙ୍କ ମା'ଙ୍କ ସହ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ସ୍ଥାନୀୟ ବିନିଦା ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସେ ପାଠ ପଢ଼ିଛନ୍ତି। ପରେ ପରିବାରର ଆର୍ଥିକ ଦୁରବସ୍ଥା ଯୋଗୁ ସେ ଅଧିକ ପାଠପଢ଼ି ପାରି ନାହାନ୍ତି। ପେଟପାଟଣା ଚିନ୍ତାରେ ନିୟତ ଘାରି ହେଉଥିବା ରଜନୀଙ୍କ ମା' କହିଛନ୍ତି, ତାଙ୍କ ଝିଅକୁ ପ୍ରଶାସନ ସହାୟତାରେ ପାଠ ପଢ଼ାଇବା ସକାଶେ ସେ ଅନେକଙ୍କୁ ଗୁହାରି କରିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ଏ ସମ୍ପର୍କରେ ପ୍ରଶାସନ ନିକଟରେ ଦାବି କରିଥିଲେ ମଧ କାହାରି ଦୃଷ୍ଟି ଏଯାଏ ପଡିନି । ତଥାପି ସହାୟତା ଆଶାରେ ସେମାନେ ଦିନ ବିତାଉଛନ୍ତି। ଏହି ଅସହାୟ ମା' ଝିଅଙ୍କୁ ମୁଣ୍ଡ ଗୁଞ୍ଜିବାକୁ ଏକ ଘର ଯୋଗାଇଦେବା ସକାଶେ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଗରିବ ଶିଶୁଙ୍କୁ ପୁସ୍ତକ ବାଣ୍ଟି ଜନ୍ମଦିନ ପାଳିଲେ

ଘସିପୁରା,୧୮।୧୦(ଡି.ଏନ.ଏ.)- କେନ୍ଦୁଝର ଜିଲା ଘସିପୁରା ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ପ୍ରଳୟ ସାହୁ ନିଜ ସହପାଠୀଙ୍କ ସହ ମିଶି ରାସ୍ତା କଡ଼ ତଥା ଫୁଟପାଥରେ ରହୁଥିବା ଗରିବ ଶିଶୁଙ୍କୁ ପୁସ୍ତକ ବାଣ୍ଟି, ମିଠା ଖୁଆଇ ନିଜ ଜନ୍ମଦିନ ଅଭିନବ ଢଙ୍ଗରେ ପାଳନ କରିଛନ୍ତି। ପରିସ୍ଥିତିର ଚାପରେ ପଡି ଏବଂ ସଚେତନତା ଅଭାବରୁ ଅନେକ ଗରିବ ଶିଶୁ ସ୍କୁଲଯିବାକୁ ମନ ବଳାଇ ନ ଥାନ୍ତି। ଏଭଳି ଶିଶୁଙ୍କ ମନରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରଳୟ ବିଭିନ୍ନ ଅଞ୍ଚଳକୁ ଯାଇ ସେହିଭଳି ଶିଶୁଙ୍କ ଅନ୍ୱେଷଣ କରି ସେମାନଙ୍କୁ ପୁସ୍ତକ ଯୋଗାଇ ସ୍କୁଲ ପଠାଇବାକୁ ଉଦ୍ୟମ କରିଥିବା କହିଛନ୍ତି।

### ଛଉ ନୃତ୍ୟ କର୍ମଶାଳା

ବାରିପଦା ଅଫିସ,୧୮।୧୦- ପ୍ରୋଜେକ୍ଟ ଛାଉଣି ପକ୍ଷରୁ ଶୁଳିଆପଦା ବ୍ଲକ ବେଗୁନଡ଼ିହାଠାରେ ଛଉ ନୃତ୍ୟ କର୍ମଶାଳା ଅନୁଷ୍ଠିତ ହେଉଛି। ଏହା ୧୬ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ଶନିବାର ଉଦ୍‌ଯାପିତ ହେବ। ୧୮ ଟି ଛଉ ନୃତ୍ୟ ଅନୁଷ୍ଠାନର ୫୨ରୁ ଉର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଏଠାରେ ଭାଗ ନେଇ ପ୍ରଶିକ୍ଷଣ ନେଉଛନ୍ତି। ଛଉନୃତ୍ୟ ଗୁରୁ ତ୍ରିଲୋଚନ ମହାନ୍ତ ଓ ପାଗୁଲୁ ଜେନା କର୍ମଶାଳାରେ ତାଲିମ ପ୍ରଦାନ କରୁଛନ୍ତି। ଚକାଡୋଲା ଛଉ ନୃତ୍ୟ ପ୍ରତିଷ୍ଠାନ ସହଯୋଗରେ ଏହି କର୍ମଶାଳା ଅନୁଷ୍ଠିତ ହେଉଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବାରିପଦାରେ କମନ ରିଭ୍ୟୁ ମିଶନ ପ୍ରତିନିଧି ଦଳ

ବାରିପଦା ଅଫିସ,୧୮।୧୦

କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗଠିତ କମନ ରିଭ୍ୟୁ ମିଶନ(ସିଆରଏମ)ର ପ୍ରତିନିଧି ଦଳ ଶୁକ୍ରବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସିଛନ୍ତି। ଡା.ବିକେ ସ୍ୱାଇଁ ଏହି ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ବେଳେ ଟିମରେ ଡା.ଆର.ଆର ଶତପଥୀ, ମାନସ ଖରା, ସନ୍ତୋଷ ନାୟକ, ଦିଲ୍ଲୀପ ଦାଶ, ସ୍ୱରୂପ ଦାସ, ଶିବ ସୁତାର ଓ ମୃତ୍ୟୁଞ୍ଜୟ ରଥ ପ୍ରମୁଖ ରହିଛନ୍ତି। ଶୁକ୍ରବାର ଏହି ଟିମ ଦୁଇ ଭାଗରେ ବିଭକ୍ତ ହୋଇଛି। ଗୋଟିଏ ଟିମ ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ପରିଦର୍ଶନ କରିଛି। ପରିଦର୍ଶନ ବେଳେ ରୋଗୀ, ରୋଗୀଙ୍କ ସମ୍ପର୍କୀୟ ଓ କର୍ମଚାରୀମାନଙ୍କ ସହିତ ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଏହି ଟିମ ଆଲୋଚନା କରିଛି। ଭିତ୍ତିଭୂମି ସହିତ ସ୍ୱାସ୍ଥ୍ୟସେବାର ସ୍ଥିତି ଅନୁଧ୍ୟାନ କରିଛି।



ପିଆରଏମ ମେଡିକାଲ କଲେଜରେ ସିଆରଏମ ପ୍ରତିନିଧି ଦଳ ସ୍ଥିତି ପରଖୁଛନ୍ତି।

ପରେ ରଙ୍ଗମାଟିଆ ସିଏଚସି ଓ କରଞ୍ଜିଆ ଗ୍ରାମକୁ ଯାଇ ସ୍ଥାନୀୟ ଲୋକଙ୍କ ସହିତ ସେମାନେ ପାଉଥିବା ବିଭିନ୍ନ ସ୍ୱାସ୍ଥ୍ୟସେବା ସମ୍ପର୍କରେ ମଧ ଆଲୋଚନା କରିଥିଲେ। ଏହି ଟିମ ସହିତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପ୍ରଦୀପ ମହାପାତ୍ର ସାମିଲ ହୋଇଥିଲେ। ସେହିପରି ଅନ୍ୟ ଏକ ଟିମ ବିଜାତଲା ଗସ୍ତ କରିଥିଲା। ଗସ୍ତ ସମୟରେ ଟିମର ସଦସ୍ୟମାନେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ କାର୍ଯ୍ୟକ୍ରମ, ସଂକ୍ରାମକ ଓ ଅଣ ସଂକ୍ରାମକ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ମାନବସମ୍ବଳ ବ୍ୟବସ୍ଥା ସହ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ସୁଦୃଢ଼ୀକରଣ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଏହା ବ୍ୟତୀତ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ସଫଳ କାର୍ଯ୍ୟକ୍ରମଗୁଡ଼ିକୁ କିପରି

**ଭିତ୍ତିଭୂମି ଓ ସ୍ୱାସ୍ଥ୍ୟସେବା ଅନୁଧ୍ୟାନ ମୁଖ୍ୟ ଲକ୍ଷ୍ୟ**

ଅନ୍ୟ ରାଜ୍ୟରେ ଉପଯୋଗ କରାଯିବ ସେ ନେଇ ଆଲୋଚନା କରିଛନ୍ତି। ଏହି ଟିମ ୧୮, ୧୯ ଓ ୨୦ ତାରିଖ ଜିଲା ଗସ୍ତ କରିବା ପରେ ୨୧ ତାରିଖରେ ଜିଲାପାଳ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରିବ। ୨୨ରେ ଭୁବନେଶ୍ୱର ଫେରି ୨୩ ତାରିଖରେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖଯୋଗ୍ୟ ଯେ, ସିଆରଏମ ପ୍ରତିନିଧି ଦଳର ଗସ୍ତ ନ ସରିବା ପର୍ଯ୍ୟନ୍ତ ଜିଲାର ସମସ୍ତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ଚିଠି ନଂ.୪୩୪୪ (୨/୧୦/୨୦୧୯) ରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏହି ନିର୍ଦ୍ଦେଶ ଦେଇଛନ୍ତି।

## ମହୁମାଛି ଆକ୍ରମଣରେ ଜଣେ ମୃତ

ରାଇରଙ୍ଗପୁର,୧୮।୧୦(ଡି.ଏନ୍.ଏ.)

ଗୋରୁମହିଷାଣୀ ଥାନା ଅଞ୍ଚଳରେ ମହୁମାଛି ଆକ୍ରମଣରେ ଗୁରୁବାର ରାତିରେ ଜଣେ ମହୁ ସଂଗ୍ରହକାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଣେଶସାହି ବସ୍ତିର ଜାମୁ ପିଙ୍ଗୁଆ। ପରିବାରବର୍ଗ ଗୁରୁତର ଅବସ୍ଥାରେ ଜାମୁଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଶୁକ୍ରବାର ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୯) ରୁଜୁ କରିଛି। ପ୍ରକାଶଯେ, ଜାମୁକଟା ଗ୍ରାମ ନିକଟବର୍ତ୍ତୀ ଘଞ୍ଚ ଜଙ୍ଗଲରୁ ମହୁ ସଂଗ୍ରହ କରୁଥିବା ବେଳେ ବଣୁଆ ମହୁମାଛିଙ୍କ ଆକ୍ରମଣରେ ସେ ଗୁରୁତର ହୋଇଥିଲେ।

## ଲକ୍ଷାଧିକ ଟଙ୍କାର ବାଣ ଜବତ



ଜବତ ହୋଇଥିବା ବାଣ।

ବୈଶିଙ୍ଗା,୧୮।୧୦(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଓ ବୈଶିଙ୍ଗା ପୋଲିସର ଏକ ଟିମ୍ ବୈଶିଙ୍ଗା ଥାନା ଅନ୍ତର୍ଗତ ବାଛୁରୀପଡା ଗ୍ରାମରେ ଗୁରୁବାର ଚଢାଉ କରି ଲକ୍ଷାଧିକ ଟଙ୍କାର ବାଣ ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବୀରେନ ସାହୁ ଓ ଲକ୍ଷ୍ମୀଧର ସାହୁ।

ସୂଚନା ଅନୁଯାୟୀ, ବାଛୁରୀପଡା ଗ୍ରାମର କିଛି ଲୋକ ବାଣ ତିଆରି କରି ବିକ୍ରି କରିଥାନ୍ତି। ବର୍ଷର ବିଭିନ୍ନ ସମୟରେ ସେମାନେ ବାଣ କାମ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ଏହି ଗ୍ରାମକୁ ଓଡ଼ିଶାର ଶିବକାଶୀ ବୋଲି ମଧ କୁହାଯାଇଥାଏ। ତେବେ ବିନା ଲାଇସେନ୍ସରେ ସେମାନେ ବାଣ ପ୍ରସ୍ତୁତ କରି ବିକ୍ରି କରୁଥିବାରୁ ଗୁରୁବାର ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ଦୀପାବଳି ଉପଲକ୍ଷେ ତିଆରି ହୋଇଥିବା ଲକ୍ଷାଧିକ ଟଙ୍କାର ବାଣ ଓ ବିସ୍ଫୋରକ ସାମଗ୍ରୀକୁ ପୋଲିସ ଜବତ କରିଥିଲା। ଏଥିନେଇ ବୈଶିଙ୍ଗା ଥାନାରେ ଦୁଇଟି ମାମଲା( ନଂ. ୨୨୩ /୧୯ ଓ ୨୨୪/୧୯) ରୁଜୁ କରାଯାଇଛି।

## ଟ୍ରେଡ୍ ୟୁନିୟନର ଶତବାର୍ଷିକୀ ଉତ୍ସବ

ବାରିପଦା ଅଫିସ,୧୮।୧୦

ବାରିପଦା ଷ୍ଟେଶନ ବଜାରସ୍ଥିତ ସିଆଇଟିୟୁ ଜିଲା କାର୍ଯ୍ୟାଳୟଠାରେ ଭାରତର ପ୍ରଥମ ଟ୍ରେଡ୍ ୟୁନିୟନ ଗଠନର ଶତ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ସିଆଇଟିୟୁ ସହିତ ଅନୁବନ୍ଧିତ ବାରିପଦା ମୋଟର କର୍ମଚାରୀ ସଂଘ, ବିଏସ୍‌ଏନ୍‌ଏଲ୍ କାଜୁଆଲ କର୍ମଚାରୀ ସଂଘ, ମଧ୍ୟାହ୍ନଭୋଜନ କର୍ମଚାରୀ ସଂଘ ଓ ଆଶା କର୍ମୀ ସଂଘ ପକ୍ଷରୁ ଏହି ଅବସରରେ ପତାକା ଉତ୍ତୋଳନ କରାଯାଇଥିଲା। ସଭାପତି ରବି ଗୋସ୍ୱାମୀ, ସମ୍ପାଦକ ଅମଲ ଦେ, ରଘୁନାଥ ପଣ୍ଡା, ଅକ୍ଷୟ କୁମାର ଖୁଣ୍ଟିଆ, ସନ୍ଧ୍ୟା ବେହେରା, କ୍ଷିତୀଶ ସାସମଲ, ଶକ୍ତିପଦ ସାହୁ, ଅଶୋକ କୁମାର ଭଞ୍ଜଦେଓ, ମନୋରଞ୍ଜନ ପରିଡା, ଦାଶରଥି ରାଉତ, ସଞ୍ଜୟ କୁମାର ଜେନା, ରବୀନ୍ଦ୍ର ପ୍ରଧାନ ଓ ସତ୍ୟରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ମାର୍କେଟ ଫି' ହରାଉଛି ଆର୍‌ଏମ୍‌ସି

ଚମ୍ପୁଆ, ୧୮।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଆର୍‌ଏମ୍‌ସି ଅଧୀନରେ ଥିବା ସାପ୍ତାହିକ ହାଟକୁ ପନିପରିବା ସମେତ କୁକୁଡା, ଛେଳିମେଣ୍ଢା ଓ ବଳଦ ବିକିବାକୁ ଆସୁଥିବା ଲୋକଙ୍କ ଉପରେ କେତେକ ବେପାରୀ ନିୟମିତ ଜୁଲମ କରି କମ୍ ଦାମରେ ଜିନିଷ କିଣି ନେଉଥିବା ଅଭିଯୋଗ ହେଉଛି। ହାଟକୁ ଆସୁଥିବା ଲୋକଙ୍କୁ ସେମାନେ କଲେଜ ଛକ, ବସ୍‌ଷ୍ଟାଣ୍ଡ, ଜୟନ୍ତୀ ପୋଲ, କଚେରି ପଡ଼ିଆ ଆଦି ସ୍ଥାନରେ ଅଟକାଇ ଏଭଳି କିଣାବିକା କରୁଥିବାରୁ ଚମ୍ପୁଆ ଆରଏମ୍‌ସି ମାର୍କେଟ ଫି' ହରାଉଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ କୌଣସି ପ୍ରତିକାର ହେଉ ନାହିଁ।

ଉଲ୍ଲେଖନୀୟ ଯେ, ଆରଏମସି ଅଧୀନରେ ଶୁକ୍ରବାର ବସୁଥିବା ସାପ୍ତାହିକ ହାଟରେ ପରିବା ବିକାଳିଙ୍କ ଠାରୁ ୧୦ ଟଙ୍କା, କୁକୁଡା, ବତକ ଆଦିରୁ ୧୦ ଟଙ୍କା,



ରାସ୍ତା କଡ଼ରେ ବେପାରୀମାନେ ଛେଳି ଓ ମେଣ୍ଢା କିଣୁଛନ୍ତି।

ଛେଳି ମେଣ୍ଢା ଠାରୁ ୫୦ ଟଙ୍କା ଏବଂ ଗୋରୁ ଠାରୁ ୧୦୦ ଟଙ୍କା ଲେଖାଏ ବିକ୍ରି ଓ କ୍ରୟ କର ଆଦାୟ କରାଯିବା ବ୍ୟବସ୍ଥା ରହିଛି। ବିଭାଗୀୟ କର୍ମଚାରୀମାନେ ହାଟରେ ରହି ଏହି ମାର୍କେଟ ଫି' ଆଦାୟ କରୁଛନ୍ତି। କିନ୍ତୁ ବେପାରୀମାନେ ବାଟରେ ବିକ୍ରେତାମାନଙ୍କ ଠାରୁ ବିଭିନ୍ନ ସାମଗ୍ରୀ କିଣି ନେଉଥିବାରୁ ଆର୍‌ଏମ୍‌ସି ମାର୍କେଟ୍ ଫି' ହରାଉଛି। ଏ ସମ୍ପର୍କରେ ଚମ୍ପୁଆ ଆରଏମି ଭାରପ୍ରାପ୍ତ ସେକ୍ରେଟାରୀ ଚାରୁଲତା ସିଂଙ୍କୁ ପଚାରିବାରୁ ଏକ ଟିମ୍ ଗଠନ କରାଯାଇ ହାଟ ଦିନରେ ବେପାରୀମାନେ କବ୍‌ଜା କରୁଥିବା ସ୍ଥାନରେ ବିକ୍ରେତାଙ୍କୁ ସଚେତନ କରାଯିବା ସହିତ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଦର୍ଶନାର୍ଥୀ ପ୍ରକୋଷ୍ଠରେ ଝୁଲୁଛି ତାଲା

କେନ୍ଦୁଝର, ୧୮।୧୦ (ସ୍ୱ.ପ୍ର.)

କେନ୍ଦୁଝର ଜେଲ୍‌ରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ଦର୍ଶନାର୍ଥୀ ପ୍ରକୋଷ୍ଠ । କଏଦୀଙ୍କ ଭେଟିବା ଲାଗି ଜେଲକୁ ଆସୁଥିବା ପରିଜନମାନେ ବିଶ୍ରାମ ନେବା ସହ ଅପେକ୍ଷା କରିବା ସକାଶେ ପ୍ରକୋଷ୍ଠ ନିର୍ମାଣ ହୋଇଥିବା କୁହାଯାଉଥିଲେ ହେଁ ଏହା ଖୋଲୁନାହିଁ । ଏଥିରେ ସବୁଦିନ ତାଲା ଝୁଲୁଥିବାରୁ କଏଦୀଙ୍କ ପରିଜନ ଖରାବର୍ଷାରେ ପଦାରେ ଅପେକ୍ଷା କରୁଛନ୍ତି। ଅନେକ ସମୟରେ ଜେଲ ମୁଖ୍ୟ ଫାଟକ ଓ ରାସ୍ତାରେ ଲୋକେ ଜମା ହୋଇ ରହୁଥିବାରୁ ସୁରକ୍ଷା ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି ହେବା ଆଶଙ୍କା ରହୁଛି ।

ଦର୍ଶନାର୍ଥୀ ପ୍ରକୋଷ୍ଠରେ ଅପେକ୍ଷା କରିବା ପାଇଁ ଚେୟାର ବ୍ୟବସ୍ଥା ସହ ଫ୍ୟାନ ଓ ଶୌଚାଳୟ ସୁବିଧା ରହିଛି ।




ଦର୍ଶନାର୍ଥୀ ପ୍ରକୋଷ୍ଠ ବନ୍ଦ ହୋଇ ରହିଛି।

ଅନେକ ସମୟରେ ଛୋଟ ପିଲାଙ୍କୁ ଧରି କଏଦୀଙ୍କ ସମ୍ପର୍କୀୟ ମାନେ ଆସୁଥିଲେ ହେଁ ବସିବା ପାଇଁ ଜାଗା ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାଛଡା ସମ୍ପର୍କୀୟ ଭିନ୍ନକ୍ଷମ ଲୋକେ ଆସି ଅଧିକ ହଇରାଣ ହରକତ ହେଉଛନ୍ତି । ଏ ସମ୍ପର୍କରେ ଜେଲ ଅଧୀକ୍ଷକ ଗରୀବ ସାହୁଙ୍କୁ ପଚାରିବାରୁ କହିଛନ୍ତ, ଏହି ପ୍ରକୋଷ୍ଠରେ ସବୁ ସୁବିଧା ରହିଛି କିନ୍ତୁ ସେଠାକୁ କେହି ଯାଉନାହାଁନ୍ତି। ଏବେ ଏହାକୁ ସମସ୍ତଙ୍କ ପାଇଁ ଖୋଲି ଦିଆଯିବ।

## ଅବକାରୀ ଚଢ଼ାଉ, ୪ ଗିରଫ

ଖୁଣ୍ଟା,୧୮।୧୦(ଡି.ଏନ୍.ଏ.)

ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୦ ଲିଟର ଦେଶୀ ମଦ ଓ ୩ କେ.ଜି ୪୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ବେଆଇନ କାରବାରରେ ଲିପ୍ତ ଥିବା ୨ ମହିଳାଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବାହାନଡା ଗ୍ରାମର ଜ୍ୟୋସ୍ନା ବେହେରା, ସାହାରବେଡା ଗ୍ରାମର ଗୌରୀ ଟୁଡୁ, ପୁରୁଣାପାଣି ଗ୍ରାମର ସାରଦା ମାହାଲି। ଏହି ୩ ଅଭିଯୁକ୍ତଙ୍କ ଠାରୁ ଦେଶୀ ମଦ ଜବତ କରାଯାଇଥିବାବେଳେ ଡୁକୁରା ଗ୍ରାମର ଜଗତ ବଲ୍ଲଭ ବେହେରାଙ୍କଠାରୁ ଗଞ୍ଜେଇ ଜବତ କରାଯାଇଛି। ଖୁଣ୍ଟା ଅବକାରୀ ଥାନା ଅଧିକାରୀ ସଚିନ କୁମାର ବେହେରାଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ଚଢାଉରେ ସାମିଲ ଥିଲେ ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା




କର୍ମୀମାନେ ପଦଯାତ୍ରାରେ ଗାଁ ପରିକ୍ରମା କରୁଛନ୍ତି।

ହାଟଡିହୀ,୧୮।୧୦ (ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବଜେଡି ତରଫରୁ ୩୫ ନମ୍ବର ଜୋନ୍‌ରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋମଙ୍କୁ ଅବଗତ କରାଇଥିଲେ । ବିଜେଡିର ବରିଷ୍ଠ ନେତା ବୁଦ୍ଧଦେବ ଜେନା, ରବୀନ୍ଦ୍ର ନାୟକ, ବୈଦ୍ୟନାଥ ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଢେଙ୍କାରୁ ର୍‍ୟାଲି ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରି ଶଢ଼ାଠାରେ ଶେଷ ହୋଇଥିଲା । ସରପଞ୍ଚ ଜୟନ୍ତୀ ସାମଲ, ଏମ୍‌ପି ପ୍ରତିନିଧି ଶାନ୍ତନୁ ସେଠୀ, ବରିଷ୍ଠ କର୍ମୀ ବୁଦ୍ଧଦେବ ଜେନା, ବଶ୍ୱନାଥ ନାୟକ, ଗୌରାଙ୍ଗ ନାୟକ, କଳ୍ପତରୁ ସେଠୀ, ସୁଧାକର ଓଝା, କହ୍ନେଇ ଓଝା, ରୁଦ୍ର ଜେନା, ଗୋପାଳ ନାୟକଙ୍କ ସହ ଜିଲା ସଭାପତି ବିଦ୍ୟାଧର ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ଜେନା, ଯୁବନେତା ଧବଳ ପଟ୍ଟନାୟକ, ବିଜୟ ମଲ୍ଲିକ, ଜଗନ୍ନାଥ ନାୟକ, ପ୍ରଶାନ୍ତ ନାୟକ ପ୍ରମୁଖ ଏଥିରେ ସାମିଲ ଥିଲେ।

# 'ମାଟିକୁ ସବୁବେଳେ ଭଲ ପାଇବା ଆବଶ୍ୟକ'




ମଞ୍ଚରେ ଉପସ୍ଥିତ ରାଜ୍ୟପାଳଙ୍କ ସହ ଅନ୍ୟ ଅତିଥିବୃନ୍ଦ।

ବାଙ୍ଗିରିପୋଷି,୧୮।୧୦(ଡି.ଏନ୍.ଏ.)

ବାଙ୍ଗିରିପୋଷି ଗସ୍ତରେ ଆସି ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲ ଶୁକ୍ରବାର ଫେରିଯାଇଛନ୍ତି। ବାଙ୍ଗିରିପୋଷି ବ୍ଲକ ଶ୍ୟାମସୁନ୍ଦରପୁର ସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ସଭା କାର୍ଯ୍ୟରେ ଯୋଗ ଦେବା ସହ ଛାତ୍ରୀଛାତ୍ରମାନଙ୍କ ସହ ନିଜ ଅନୁଭୁତି ବାଣ୍ଟିଥିଲେ ରାଜ୍ୟପାଳ। ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଭଗବାନ ଶ୍ରୀକୃଷ୍ଣଙ୍କ ପରି ମୁହଁରେ ହସ ରଖି ନିଜର କର୍ତ୍ତବ୍ୟ ପଥରେ ଆଗେଇ ଯିବାକୁ ସେ ପରାମର୍ଶ ଦେଇଥିଲେ। ନିଜକୁ ସରଳ ଜୀବନ ଢଙ୍ଗରେ ଗଢି ତୋଳିଲେ ଉନ୍ନତିର ଶିଖର ଛୁଇଁବ ବୋଲି କହିଥିଲେ । ଭାରତ ମାଟିର ସଂସ୍କୃତି, ଐତିହ୍ୟକୁ ଭଲ ପାଇ କେତେ ବିଦେଶୀ ନିଜକୁ ସେହି ଢଙ୍ଗରେ ପରିବର୍ତ୍ତନ କରିସାରିଛନ୍ତି। ତେଣୁ ଆମର ଏହି ମାଟିକୁ ସବୁବେଳେ ଭଲପାଇବା ଆବଶ୍ୟକ ବୋଲି ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ରାଜ୍ୟପାଳଙ୍କ ସହ ଜିଲାପାଳ ବିନୀତ ଭରଦ୍ୱାଜ, ଜିଲା ଆରକ୍ଷୀ ଅଧୀକ୍ଷକ ପରମାର ସ୍ମିଥ ପୁରୁଷୋତ୍ତମ ଦାସ, ବାରିପଦା ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ସଭା ଶେଷରେ ବିଦ୍ୟାଳୟ ପରିସରରେ ରଜ୍ୟପାଳ ଏକ ନିମ୍ବ ଚାରାରୋପଣ କରିଥିଲେ। ବିଦ୍ୟାଳୟ ଛାତ୍ରୀ ନିବାସ ବୁଲି ଦେଖିବା ବେଳେ ସଫାସୁତୁରା ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମ ବେଳେ ବିଦ୍ୟାଳୟର ଅବ୍ୟବସ୍ଥା, ନିକଟସ୍ଥ ଡାକ୍ତରଖାନାରେ ଡାକ୍ତର ଅଭାବ ସମସ୍ୟା, ଅନୁସୂଚୀତ ଜାତି ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ବ୍ୟବସ୍ଥା ପ୍ରଭୃତି ଦାବିନେଇ ସ୍ଥାନୀୟ ଅଭିଭାବକ, ଗ୍ରାମବାସୀ ଏବଂ ବୁଦ୍ଧିଜିବୀଙ୍କ ତରଫରୁ ରାଜ୍ୟପାଳଙ୍କୁ ବିଭିନ୍ନ ଦାବିପତ୍ର ପ୍ରଦାନ କରାଯାଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ବାରିପଦା ଅତିରିକ୍ତ ଆରକ୍ଷୀ ଅକ୍ଷୀକ୍ଷକ ଅଭିମନ୍ୟୁ ନାଏକଙ୍କ ସହ ବାଙ୍ଗିରିପୋଷି ଥାନା ଅଧିକାରୀ ଚନ୍ଦନ ଘଡାଇ ଏବଂ ଝାରପୋଖରିଆ ଥାନା ଆଇଆଇସି ଶରତ ଚନ୍ଦ୍ର ମହାଳିକଙ୍କ ସହ ସ୍ଥାନୀୟ ପୋଲିସ ନିୟୋଜିତ ହୋଇଥିଲେ।

## ଧାନଘେରା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ରାଜ୍ୟପାଳ

ଖୁଣ୍ଟା,୧୮।୧୦(ଡି.ଏନ୍.ଏ.)

ଖୁଣ୍ଟା ବ୍ଲକ ଅଧିନ ଧାନଘେରା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଆୟୋଜିତ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲ ଯୋଗ ଦେଇଥିଲେ। ଜିଲାପାଳ ବିନୀତ ଭରଦ୍ୱାଜ ଓ ଆରକ୍ଷୀ ଅଧିକ୍ଷକ ପରମାସ୍ମିଥ ପୁରୁଷତ୍ତମ ଦାସ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରାଜ୍ୟପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ରାଜ୍ୟପାଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାନବତା ଓ ବିନମ୍ରତା ଗୁଣ ଉପରେ ବୁଝାଇଥିଲେ। ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ ରାୟଗୁରୁ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିସରରେ ରାଜ୍ୟପାଳ ବୃକ୍ଷରୋପଣ କରିଥିଲେ ।

# ଶିଶୁମହୋତ୍ସବ 'ସୁରଭି'



ଶିଶୁ ମହୋତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ହାଟଡିହୀ,୧୮।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ଓରାଳି ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନନ୍ଦିପଦା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ସାହାଣୀ ଏଥିରେ ସଭାପତିତ୍ୱ କରିଥିଲେ। କଳିଙ୍ଗା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରତ୍ନାକର ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଓରାଳି କ୍ଲଷ୍ଟରର ୧୫ ବିଦ୍ୟାଳୟରୁ ୧୫୦ ପ୍ରତିଯୋଗୀ ଭାଗ ନେଇଥିଲେ । ବିତର୍କ, ପ୍ରବନ୍ଧ ଲିଖନ, ହସ୍ତାକ୍ଷର, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ, ବକ୍ତୃତା, ସଙ୍ଗୀତ, ଚିତ୍ରକଳା ଆଦି ବିଭାଗରେ ପ୍ରତିଯୋଗିତା ହୋଇଥିଲା । ଏବିଓ ବିନୋଦ କୁମାର ରାଉତ, ସୁରଥ କୁମାର ସାହୁ, ସୁରେଶ କୁମାର ଯେନା, ସିଆରସିସି ପ୍ରଭାକର ବେହେରା, ନନ୍ଦିପଦା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ବେହେରା, ଗୌରାଙ୍ଗ ଖିଲାର, ହାସ୍ୟମୟୀ ରାଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଚାରକ ଭାବେ ଦୀପ୍ତିମୟୀ ସୂତାର, ଅନିରୁଦ୍ଧ ସେଠୀ, ମମତା ଦାସ, ପ୍ରିୟଙ୍କା ସେନାପତି, ରାଧାରାଣୀ ରାମ, ଉଦ୍ଧବ ସା, ରତ୍ନପ୍ରଭା ସେଠୀ, ଶର୍ମିଷ୍ଠା ମହାନ୍ତି ଦାୟିତ୍ୱ ତୁଲାଇଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।